

"ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।
- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ



ଜୟପୁରରେ ଶ୍ରୀଜୀଉଙ୍କ ଗଜ ବେଶ ।



ସୁନାବେଡ଼ାରେ ଶ୍ରୀଜୀଉଙ୍କ ଗଜ ବେଶ ।



କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ଗଜବେଶରେ ଦର୍ଶନ ଦେଉଛନ୍ତି ତିନି ଠାକୁର ।

# ଗଜବେଶ ଦେଖି ଭକ୍ତ ବିଭୋର

## ଅଣସର ଘରକୁ ଗଲେ ତିନି ଠାକୁର



ଦାମନଯୋଡ଼ିରେ ଠାକୁରଙ୍କୁ ପହଣ୍ଡିକରି ସ୍ନାନ ମଣ୍ଡପକୁ ନିଆଯାଉଛି ।

କୋରାପୁଟ/ଜୟପୁର, ୧୭।୬ (ସ୍ୱ.ପ୍ର./ନି.ପ୍ର./ଡି.ଏନ୍.ଏ.)

କୋରାପୁଟସ୍ଥିତ ଶାବର ଶ୍ରୀକ୍ଷେତ୍ରରେ ସୋମବାର ଦେବସ୍ନାନ ପୂର୍ଣ୍ଣିମା ପାଇଁ ଭକ୍ତଙ୍କ ଭିଡ଼ ଲାଗିଛି। ମଧ୍ୟାହ୍ନ ପରେ ମନ୍ଦିରରୁ ଠାକୁରଙ୍କୁ ପହଣ୍ଡି କରି ସ୍ନାନ ମଣ୍ଡପକୁ ଅଣାଯିବା ପରେ ଅପରାହ୍ନ ୨ଟାରେ ଦେବସ୍ନାନ ସମ୍ପନ୍ନ ହୋଇଛି। ୧୦୮ କଳସ ଜଳରେ ସ୍ନାନ କରିବା ପରେ ଶ୍ରୀଜୀଉ ଗଜବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ରାତି ୧୦ଟା ୧୫ରେ ଠାକୁରଙ୍କୁ ଅଣସର ଘରକୁ ନିଆଯିବ ବୋଲି ମନ୍ଦିର ପରିଚାଳନା କମିଟି ସମ୍ପାଦକ ଗଦାଧର ପରିଡ଼ା କହିଛନ୍ତି। ପରିଚାଳନା କମିଟି ସମ୍ପାଦକଙ୍କ ତତ୍ତ୍ୱାବଧାନରେ ଏହି ସମସ୍ତ କାର୍ଯ୍ୟକ୍ରମ କରାଯାଇଥିବା ବେଳେ କମିଟିର ଉପସଭାପତି ଡ. ପ୍ରଫୁଲ୍ଲ ମହାପାତ୍ର, ନିଳାଦ୍ରୀ ପଟ୍ଟନାୟକ, ଲଳିତ ମୋହନ ପଟ୍ଟନାୟକ, ତ୍ରିନାଥ ପାତ୍ର, ଭୀମସେନ ଜେନା, ସୁଧାକର ପଟ୍ଟନାୟକ, ଏସ୍. ପଣ୍ଡା ସହଯୋଗ କରିଥିଲେ।

ସେହିପରି ଜୟପୁର ସ୍ଥିତ ଜଗନ୍ନାଥ ମନ୍ଦିର ସ୍ନାନ ମଣ୍ଡପରେ ମଧ ଚତୁର୍ଦ୍ଧା ମୂରତିଙ୍କ ସ୍ନାନପର୍ବ ଅନୁଷ୍ଠିତ ହୋଇଛି। ଅନ୍ନଭୋଗ ଲାଗି ରତ୍ନ ସିଂହାସନରୁ ଓହ୍ଲାଇ ଅଣାଯିବା ପରେ ଅପରାହ୍ନ ସାଢ଼େ ୩ଟାରେ ଠାକୁରଙ୍କ ପହଣ୍ଡି କରାଯାଇ ସ୍ନାନ ମଣ୍ଡପକୁ ନିଆଯାଇଥିଲା। ପରମ୍ପରା ଅନୁସାରେ ସୁନାରି ସାହି ବାସିନ୍ଦା ବଳଭଦ୍ରଙ୍କୁ, ସାମନ୍ତରା ସାହି ବାସିନ୍ଦା ଜଗନ୍ନାଥଙ୍କୁ ଏବଂ ଢେରାସାହି ବାସିନ୍ଦା ସୁଭଦ୍ରାଙ୍କୁ ପହଣ୍ଡି କରାଇ ସ୍ନାନ ମଣ୍ଡପକୁ ଆଣିଥିଲେ। ସେଠାରେ ଚନ୍ଦନ, କର୍ପୁର ସୁଗନ୍ଧିତ ଜଳରେ ଚତୁର୍ଦ୍ଧା ମୂରତିଙ୍କୁ ସ୍ନାନ କରାଯାଇଥିଲା। ଏହାପରେ ଠାକୁରଙ୍କ ଗଜବେଶ ଦେଖି ଭକ୍ତମାନେ ବିଭୋର ହୋଇଥିଲେ। ସେହିପରି ମନ୍ଦିରରେ ମହାଲକ୍ଷ୍ମୀଙ୍କ ସ୍ନାନ ଓ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ରାଜାରାଜୁଡ଼ା ସମୟର ପୁରୁଣାଗଡ଼ ନୀଳକଣ୍ଠ ମନ୍ଦିର, ଗ୍ରାମାଞ୍ଚଳରେ ବାରିଣିପୁଟ, ବାଟଜଗନ୍ନାଥପୁର ଓ ଆମ୍ବାଗୁଡ଼ାରେ ତିନି ଠାକୁରଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଛି।



କୋଲାବନଗରରେ ଚତୁର୍ଦ୍ଧା ମୂରତିଙ୍କ ବେଶ ।

## ସଂକ୍ଷେପରେ

### ଶୌଚ ପାଇଁ ଯାଇ ଯୁବକ ମୃତ

କୋରାପୁଟ,୧୭।୬(ସ୍ୱ.ପ୍ର.): ରବିବାର ସନ୍ଧ୍ୟାରେ ପ୍ରବଳ ବର୍ଷା ହେଉଥିବାବେଳେ ଶୌଚ ପାଇଁ ଯାଇଥିବା ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ତେବେ ମୃତ୍ୟୁର କାରଣ ଏଯାଏ ସ୍ପଷ୍ଟ ହୋଇ ନଥିଲେ ମଧ ପ୍ରବଳ ବର୍ଷାରେ ଗୋଡ଼ ଖସିଯିବା ଯୋଗୁ କିମ୍ବା ବଜ୍ରପାତରେ ତାଙ୍କର ମୃତ୍ୟୁ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। କୋରାପୁଟ ବ୍ଲକ ତିଆଡ଼ିପୁଟ ଗ୍ରାମର ଡମ୍ବରୁ ଖରା (୩୫) ବହୁ ଦିନରୁ ସେମିଳିଗୁଡ଼ାର ଓସିସି ନଗରରେ ରହି ଦିନ ମଜୁରିଆ ଭାବେ କାମ କରୁଥିଲେ। ରବିବାର ସନ୍ଧ୍ୟାରେ ଶୌଚ ପାଇଁ ସେମିଳିଗୁଡ଼ାର ନୂଆ ମାର୍କେଟ ନିକଟ ନାଳକୁ ଯାଇଥିଲେ। ଅନେକ ସମୟ ଯାଏ ସେ ନ ଫେରିବାରୁ ଖୋଜାଖୋଜି କରିବା ବେଳେ ନାଳରେ ଡମ୍ବରୁଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା । ତାଙ୍କ ଦେହରେ ସାର୍ଟ ରହିଥିବାବେଳେ ପ୍ୟାଣ୍ଟ ନଥିଲା। ସୁନାବେଡ଼ା ପୋଲିସ ଏ ନେଇ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

### ବଜ୍ରପାତରେ ବାଳକ ମୃତ

ବୈପାରୀଗୁଡ଼ା,୧୭।୬(ଡି.ଏନ୍.ଏ.): ବୈପାରୀଗୁଡ଼ା ଥାନା ରାମଗିରି ଫାଣ୍ଡି ଅନ୍ତର୍ଗତ କାଉଡିଆଗୁଡ଼ା ଗ୍ରାମରେ ବଜ୍ରପାତରେ ଜଣେ ବାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଅନନ୍ତ ବଡପଡିଆଙ୍କ ପୁଅ ଟଙ୍କ ବଡପଡିଆ (୧୪) । ରବିବାର ଅପରାହ୍ନ ସମୟରେ ସେ ଶୌଚ ପାଇଁ ବାହାରକୁ ଯାଇଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ । ସୋମବାର ରାମଗିରି ପୋଲିସ୍ ମୃତଦେହ ବ୍ୟବଚ୍ଛେଦ କରାଇ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ସୁବ୍ରତ ପାଣିଗ୍ରାହୀ କହିଛନ୍ତି।

### ଉତ୍କଳ ସମ୍ମିଳନୀ ଶିଳ୍ପାଞ୍ଚଳ ଶାଖା ଗଠିତ

ଦାମନଯୋଡ଼ି,୧୭।୬(ଡି.ଏନ୍.ଏ.): ଉତ୍କଳ ସମ୍ମିଳନୀର କୋରାପୁଟ ଜିଲା ନାଲକୋ ଶିଳ୍ପାଞ୍ଚଳ ଶାଖା ଗଠିତ ହୋଇଛି। ରାଜ୍ୟ ଉପସଭାପତି ବିନୋଦ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା କାର୍ଯ୍ୟକାରୀ ସଭାପତି ମଦନମୋହନ ନାୟକ, ଜିଲା ଉପସଭାପତି ଗୁପ୍ତେଶ୍ୱର ଦଣ୍ଡସେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜେନ୍ଦ୍ର ଗୌଡ଼ ଯୋଗ ଦେଇଥିଲେ। ପରେ ଶିଳ୍ପାଞ୍ଚଳ ଶାଖା ଗଠିତ ହୋଇଥିଲା। ଏଥିରେ ସଭାପତି ଭାବେ ଜଳେନ୍ଦ୍ର ତ୍ରିପାଠୀ, ସମ୍ପାଦକ ଡ. ଅଶୋକ ମହାନ୍ତି, ଉପସଭାପତି ଅମ୍ବିକା ପ୍ରସନ୍ନ ପାଣି, କୋଷାଧ୍ୟକ୍ଷ ରବି ବିଶ୍ୱାଳ, ସଭ୍ୟ ଭାବେ ରମାମଣି ସାହୁ, ଟି. ତେଜେଶ୍ୱର ପାତ୍ର, ପୀତାମ୍ବର ସାହୁ, ସୋମନାଥ ସାମନ୍ତରାୟ, ବସନ୍ତ ଦାସ, ମାନସ ରଞ୍ଜନ କର, ଚୈତନ୍ୟ ହନ୍ତାଳ, ଟି. ସୁଦର୍ଶନ ସେନାପତି, ଅରୁଣ ଓଝା, ସନ୍ତୋଷ ନନ୍ଦ, ମନୋଜ ସାହୁ, ରବୀନ୍ଦ୍ର ସାହୁ, ସୁଶାନ୍ତ ଦାଶ, ଡ. ରାଜେନ୍ଦ୍ର ପଣ୍ଡା, ଡ. ଅନିତା ଭୋଇ, ଭାରତୀ ସାହୁ, ଆଶାଲତା ପଣ୍ଡା ମନୋନୀତ ହୋଇଥିଲେ।

# ଜମି ନେଲେ, ଟଙ୍କା ଦେଲେନି ସରକାର

■ ଦେଢ଼ବର୍ଷ ହେଲା ଅଧା ଟଙ୍କା ପାଇଁ ପାସବୁକ୍ ଧରି ବୁଲୁଛନ୍ତି ଜମି ମାଲିକ

## ବିମାନଘାଟି ସମ୍ପ୍ରସାରଣ ପାଇଁ ଜମି ଅଧିଗ୍ରହଣ ପ୍ରସଙ୍ଗ

ଜୟପୁର,୧୭।୬(ନି.ପ୍ର.)

ଜୟପୁର ବିମାନଘାଟି ସମ୍ପ୍ରସାରଣ ପାଇଁ ୨୦୧୭ରେ ଜୟପୁର ବ୍ଲକ ସୌରାଗୁଡ଼ାରେ ଶୁଣାଣି କରାଯାଇ ଜମି ଅଧିଗ୍ରହଣ ହୋଇଥିଲା। ତତ୍କାଳୀନ ଉପଜିଲାପାଳ ତଥା ଅଧିଗ୍ରହଣ ଅଧିକାରୀ ଚକ୍ରବର୍ତ୍ତୀ ସିଂ ରାଠୋର ଜମି ମାଲିକଙ୍କ କାଗଜପତ୍ର ଯାଞ୍ଚ କରିଥିଲେ। ସୌରାଗୁଡ଼ାର ୧୪.୦୫ ଏକର ଓ ଗଗନାପୁରର ୦.୨୬ ଏକର ଜମି ନିଆଯାଇଥିଲା। ଏହି ଜମିର ୧୪ ଜଣ ମାଲିକଙ୍କୁ ଡକାଇ ଆପତ୍ତି ଅଭିଯୋଗ ଶୁଣାଯାଇଥିଲା। ସୌରାଗୁଡ଼ାର କେତେକ ଜମି ମାଲିକ ଉପଜିଲାପାଳଙ୍କ ନିକଟକୁ ବ୍ୟାଙ୍କ ପାସବୁକ ଧରି ଆସିଥିଲେ । ୧୯ ଡିସେମ୍ବର ୨୦୧୭ରେ ଜମି ଦରର ଅଧା ଟଙ୍କା ବ୍ୟାଙ୍କଖାତାରେ ଜମା ହୋଇଥିବା ବେଳେ ଅବଶିଷ୍ଟ ଟଙ୍କା ଦେଢ଼ବର୍ଷ ହେଲା ମିଳୁନାହିଁ। ଘର ଭାଙ୍ଗିଯାଇ ଥିବାବେଳେ ବର୍ଷା ଆରମ୍ଭ ହୋଇଗଲେ ଅସୁବିଧାରେ ପଡ଼ିବେ ବୋଲି ସୌରାଗୁଡ଼ାର ରତ୍ନମଣି ସୌରା, ଯଶୋଦା ସୌରା, ଲକ୍ଷ୍ମୀ ସୌରା, ଡାଳିମ୍ବ ସୌରା, ସାବିତ୍ରୀ ସୌରା କହିଛନ୍ତି। ୨୦୧୭ରେ ରତ୍ନମଣିଙ୍କ ଖାତାକୁ ୩ ଲକ୍ଷ ୩୨ ହଜାର, ଯଶୋଦାଙ୍କ ଖାତାକୁ ୯ ଲକ୍ଷ ୯୬ ହଜାର, ଲକ୍ଷ୍ମୀଙ୍କ ଖାତାକୁ ୧ ଲକ୍ଷ ୯୯ ହଜାର, ଡାଳିମ୍ବଙ୍କ ଖାତାକୁ ୩ ଲକ୍ଷ ୩୨ ହଜାର ଓ ସାବିତ୍ରୀଙ୍କ ଖାତାକୁ ୯ ଲକ୍ଷ ୯୬ ହଜାର ଟଙ୍କା ଆସିଥିଲା। ଏହି ୫ ଜଣଙ୍କ ଭଳି ଅନ୍ୟ ୯ ଜଣ ଜମି ମାଲିକ ମଧ ଜମି ଦେଇ ଅଧା ଟଙ୍କା ପାଇନଥିବା କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଜୟପୁର ବିମାନଘାଟି ୫୯ ଏକର ପରିମିତ ଜମିରେ ରହିଥିବା ବେଳେ ୫୦ରୁ ୭୦ ସିଟ୍ ବିଶିଷ୍ଟ ବିମାନ ଚଳାଚଳ ପାଇଁ ଏହାର ରନୱେକୁ ସଂପ୍ରସାରଣ କରିବା ପାଇଁ ସରକାର ନିଷ୍ପତ୍ତି ନେଇଥିଲେ। ଘାଟିର ରନ୍‌ୱେ ୯୧୪ ମିଟର ଥିବାବେଳେ ଏହାକୁ ୧୫୦୦ ମିଟର କରିବା ପାଇଁ ଯୋଜନା ରହିଥିଲା। ବର୍ତ୍ତମାନ ୧୦୭୪ ମିଟର କାମ କରାଯାଇଛି। ଏଥିପାଇଁ ଆଉ ୨୮.୪୮୦ ଏକର ଜମିର ଆବଶ୍ୟକତା ଥିଲା। ଏଥିରେ ୧୪ ଏକର ସରକାରୀ ଜମି ଓ ୧୪ ଏକର ଘରୋଇ ଜମି ଅଧିଗ୍ରହଣ କରାଯାଇଥିଲା। ଏନେଇ ଜୟପୁର ଉପଜିଲାପାଳ ଲୋକନାଥ ଦଳବେହେରାଙ୍କୁ ପଚାରିବାରୁ ସେ କହିଥିଲେ, ଜମି ମାଲିକ ଆସି ଦେଖା କରିଥିଲେ। ବ୍ୟାଙ୍କରେ ଟଙ୍କା ଜମା ହୋଇଛି କିନ୍ତୁ ବ୍ୟାଙ୍କ କର୍ତ୍ତୃପକ୍ଷ ଜମି ମାଲିକଙ୍କ ଖାତାକୁ ତାହା ଦେଇନାହାନ୍ତି। ବ୍ୟାଙ୍କ ପରିଚାଳକଙ୍କୁ ସାକ୍ଷାତ କରି ଆଲୋଚନା କରିବି ବୋଲି ସେ କହିଛନ୍ତି।

■ କେସିସି ବ୍ୟାଙ୍କ କର୍ମଚାରୀ ସଂଘର ୫ ଦଫା ଦାବି

# କଳାବ୍ୟାଜ୍ ପିନ୍ଧି ଧାରଣାରେ କର୍ମଚାରୀ

ଜୟପୁର,୧୭।୬(ନି.ପ୍ର.)

ଓଡ଼ିଶା ସମୟବାୟ ବ୍ୟାଙ୍କ କର୍ମଚାରୀ ସଂଘର ଆହ୍ୱାନ କ୍ରମେ କର୍ମଚାରୀଙ୍କ ୫ ଦଫା ଦାବି ପୂରଣ ପାଇଁ ୨୧ଟି ଶାଖା ବ୍ୟାଙ୍କର ସମସ୍ତ କର୍ମଚାରୀ ସୋମବାର ଜୟପୁର ମୁଖ୍ୟ କାର୍ଯ୍ୟାଳୟରେ କଳାବ୍ୟାଜ୍ ପିନ୍ଧି ଧାରଣା ଦେଇଛନ୍ତି। ଗତ ୧୦ ତାରିଖରୁ ଚାଲିଥିବା ଏହି କଳାବ୍ୟାଜ୍ ପ୍ରତିବାଦ ଚାଲୁ ରହିବ। ଯଦିଓ ଆଗାମୀ ୧୮ରୁ ୨୦ ତାରିଖ ଯାଏ ହେବାକୁ ଥିବା ଓଡ଼ିଶାର ୧୭ଟି କେନ୍ଦ୍ର ସମବାୟ ବ୍ୟାଙ୍କର ଧର୍ମଘଟ ସମବାୟ ମନ୍ତ୍ରୀ ତଥା ରେଜିଷ୍ଟ୍ରାରଙ୍କ ଅନୁରୋଧ କ୍ରମେ ସ୍ଥଗିତ ରଖାଯାଇଛି। ମନ୍ତ୍ରୀଙ୍କ ପ୍ରକୋଷ୍ଠରେ ମହାସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା ପରେ ୫ ଦଫା ଦାବି ପୂରଣ କରାଯିବା ପାଇଁ ନିର୍ଭର ପ୍ରତିଶ୍ରୁତି ମିଳିବାରୁ ଧର୍ମଘଟ ସ୍ଥଗିତ ରଖାଯାଇଛି। ସୋମବାର ଧାରଣାରେ ସଂଘର ସମ୍ପାଦକ ଦିଗାମ୍ବର ନାୟକଙ୍କ ପରିଚାଳନାରେ ଆୟୋଜିତ ବୈଠକରେ ଦୁର୍ଗାପ୍ରସାଦ ଦାସ, ବିନୋଦ କୁମାର ଷଡ଼ଙ୍ଗୀ, ସଭାପତି ଦାମୋଦର ପାଣି, ମନୋଜ କୁମାର ଦାସ, ଗୋଲକ ପାଇକରାୟ, ବିଦ୍ୟାଧର ପ୍ରଧାନ, ଅଶୋକ କୁମାର ରଥ, ଶ୍ୟାମ ପଟ୍ଟନାୟକ, ଅରୁଣ କୁମାର ଧୀର, ବିଜୟ କୁମାର ପଟ୍ଟନାୟକ, ସୁରେନ୍ଦ୍ର କୁମାର ନାୟକ ଉପସ୍ଥିତ ଥିଲେ।



ଧାରଣାରେ କେସିସି ବ୍ୟାଙ୍କ କର୍ମଚାରୀମାନେ ।

■ ଜଙ୍ଗଲରୁ ବଡ଼ଗଛ କାଟିନେଉଛନ୍ତି ମାଫିଆ

# ବନ ବିଭାଗ ପାଟ୍ରୋଲିଂ ଉପରେ ଉଠିଲା ପ୍ରଶ୍ନ

ଜୟପୁର,୧୭।୬(ଡି.ଏନ୍.ଏ.)

ଜୟପୁର–କୋରାପୁଟ ଘାଟି ରାସ୍ତାର ଶିବ ମନ୍ଦିର ନିକଟରେ ରହିଥିବା ଘାଟଘୁମର ଓ ସତୀଗୁଡା ଡ୍ୟାମ ନିକଟସ୍ଥ ବଦଲିଗୁଡ଼ା ନିକଟସ୍ଥ ପିଆରଏଫ୍ ଜଙ୍ଗଲରେ ମୂଲ୍ୟବାନ ଗଛଗୁଡ଼ିକ କଟା ଚାଲିଛି। ଉଭୟ ଜଙ୍ଗଲରୁ ପ୍ରାୟ ୩୦ରୁ ୪୦ ଫୁଟ ଉଚ୍ଚତାର ଗଛ ସବୁ କଟାଯାଇ ସଫା କରାଯାଉଛି। କିନ୍ତୁ ଖବର ରହିବା ତ ଦୂରର କଥା, ସୂଚନା ପାଇଲେ ମଧ ଗଛ କେଉଁଠାରୁ ଯାଉଛି, ତାହା ବନ ବିଭାଗ ଜାଣିପାରୁ ନାହିଁ।

ଗଛଗୁଡ଼ିକ କଟାଯାଇ ରଖାଯିବାର ଗୋଟିଏରୁ ଦୁଇଦିନ ପରେ ଚୋରମାନେ ଏହାକୁ ଉଠାଇ ନେଉଛନ୍ତି । ଯେଉଁ ଗଛଗୁଡ଼ିକ କଟାଯାଇଛି, ସେଥିରୁ ଅନେକ ରାଜସ୍ୱ ବିଭାଗ ଜମିରେ ରହିଛି । ଜଙ୍ଗଲକୁ ସୁରକ୍ଷା ଦେବା ଓ କାଠଚୋରି ବନ୍ଦ କରିବା ବନ ବିଭାଗର ଦାୟିତ୍ୱ। କିନ୍ତୁ ବନ କିମ୍ବା ରାଜସ୍ୱ ବିଭାଗ ଜଙ୍ଗଲ ଜମିରୁ ଗଛ କଟାଯାଇ ଚାଲାଣ ହେବା ବିଭାଗୀୟ ପାଟ୍ରୋଲିଂ ବ୍ୟବସ୍ଥା ପ୍ରତି ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କିଛି ଦିନ ତଳେ ଗଛ କଟା ଅଞ୍ଚଳରେ ଶୁଖିଲା ପତ୍ରରେ ନିଆଁ ଲାଗିଥିବା ବେଳେ ବନ ବିଭାଗ ସେଠାରେ ନିଆଁ ଲିଭାଇଥିଲା। କିନ୍ତୁ ପରେ ସେଠାରୁ ୩୦ରୁ ଅଧିକ ଗଛ କଟାଯାଇଥିଲେ ସୁଦ୍ଧା ବନ ବିଭାଗ ସୁରାକ ନ ପାଇବା ବିଭାଗର ପାରିବାପଣିଆ ଉପରେ ସନ୍ଦେହ ସୃଷ୍ଟି କରୁଛି । ବୃକ୍ଷରୋପଣ ସହ ଏହାର ରକ୍ଷଣାବେକ୍ଷଣ, ସୁରକ୍ଷା ଓ ସଚେତନତା ପାଇଁ ସରକାରଙ୍କ ବିପୁଳ ଅର୍ଥ ଖର୍ଚ୍ଚ କରୁଛନ୍ତି। କିନ୍ତୁ ଏହିପରି ବେଆଇନ ଜଙ୍ଗଲ କଟା ଗଲେ ଅଳ୍ପଦିନରେ ଜଙ୍ଗଲ ଅଦୃଶ୍ୟ ହୋଇଯିବ ବୋଲି ପରିବେଶବିତ୍ ଚିନ୍ତା ପ୍ରକଟ କରିଛନ୍ତି। ଜୟପୁର ରେଞ୍ଜର ସନ୍ଦିପ ପାଣିଗ୍ରାହୀଙ୍କୁ ଯୋଗାଯୋଗ କରିବାରୁ, ସେ କହିଥିଲେ, ଏନେଇ କୌଣସି ସୂଚନା ନାହିଁ । କିନ୍ତୁ ଗଛକଟା ପ୍ରସଙ୍ଗରେ ତୁରନ୍ତ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେବି।

# ଦୁଇ ଗାଁରୁ ୧୮ ଜୁଆଡ଼ି ଗିରଫ

ବ୍ରହ୍ମପୁର ଅଫିସ,୧୭।୬

ପୋଲସରା ଥାନା ମଧୁପଲ୍ଲୀ ଓ କେ.ଶ୍ରଦ୍ଧାପୁର ଗ୍ରାମରେ ରବିବାର ଅପରାହ୍ନରେ ପୋଲସରା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକଙ୍କ ନେତୃତ୍ୱରେ ପ୍ରମୁଖ ଗ୍ରାମର ଜୁଆଆଡ୍ଡାରେ ଚଢ଼ାଉ କରାଯାଇଛି। ଏଥିରେ ମଧୁପଲ୍ଲୀରୁ ୯ ଜଣ ଓ କେ.ଶ୍ରଦ୍ଧାପୁରରୁ ୯ ଜୁଆଡ଼ିଙ୍କୁ କୋର୍ଟଚାଲାଣ କରାଯାଇଛି। ସେମାନଙ୍କଠାରୁ ୭୧ ହଜାର ୪୨୦ ଟଙ୍କା ସହ ୩ ବାଇକ୍ ଜବତ ହୋଇଛି । ଏ ନେଇ ପୋଲସରା ଥାନାରେ ନଂ. ୧୨୯, ୧୩୦/୧୯ରେ ମାମଲା ରୁଜୁ ହୋଇଛି ।

# ସିଡିପିଓଙ୍କ ନାଁରେ ଅଭିଯୋଗପତ୍ର

ଡିଏସ୍‌ଡବ୍ଲ୍ୟୁଓଙ୍କୁ ପୃଥକ୍ ଭାବେ ଦେଲେ ଅଙ୍ଗନୱାଡି କର୍ମୀ, ପରିଦର୍ଶିକା

କୋରାପୁଟ,୧୭।୬(ସ୍ୱ.ପ୍ର.)

ବୈପାରିଗୁଡ଼ା ବ୍ଲକ ସିଡିପିଓଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ କରି ଅଙ୍ଗନୱାଡି କର୍ମୀ ଓ ପରିଦର୍ଶିକା ପୃଥକ ଭାବେ ସୋମବାର ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଅଭିଯୋଗପତ୍ର ଦେଇଛନ୍ତି। ଏଥିରେ ସେମାନେ ସଂପୃକ୍ତ ସିଡିପିଓଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପ୍ରି ସ୍କୁଲ କିଟ୍‌ରୁ ଆରମ୍ଭ କରି ଗରମ ରନ୍ଧାଖାଦ୍ୟ, ଅଙ୍ଗନୱାଡ଼ି କର୍ମୀଙ୍କ ବର୍ଦ୍ଧିତ ଦରମା, ଛତୁଆ କରୁଥିବା ସଂସ୍ଥାଠାରୁ ସିଡିପିଓ ଲାଞ୍ଚ ନେଉଛନ୍ତି। କେହି କର୍ମୀ ବାଧାଦେଲେ ତାଙ୍କ କେନ୍ଦ୍ରକୁ ବାରମ୍ବାର ଯାଇ ତାଙ୍କୁ ହଟାଇବା ଧମକ ଦେଉଛନ୍ତି। ଗର୍ଭବତୀ ଓ ପ୍ରସୂତିଙ୍କ ପାଇଁ ଦିଆଯାଉଥିବା ଲଡୁ ଚଳିତ ବର୍ଷ ଫେବୃୟାରୀରୁ ସିଡିପିଓ ନିଜେ ସପ୍ଲାଇ କରୁଛନ୍ତି। ମାସିକ ୨୫ଟି ଲଡୁ ବଦଳରେ ଛତୁଆ ପ୍ୟାକେଟ୍ ଭିତରେ ମାତ୍ର ୧୨ଟି ଭର୍ତ୍ତି କରି ସପ୍ଲାଇ କରୁଥିବା ଅଙ୍ଗନୱାଡ଼ି କର୍ମୀମାନେ ଅଭିଯୋଗ କରିଛନ୍ତି। ସିଡିପିଓଙ୍କ ନାଁରେ ୭ ଦଫା ଅଭିଯୋଗପତ୍ର ଜିଲା ସମାଜ ମଙ୍ଗଳ ଅଧିକାରୀ ହରେକୃଷ୍ଣ ପ୍ରଧାନଙ୍କୁ ଦିଆଯାଇଛି। ବୈପାରିଗୁଡା ବ୍ଲକ ସଂଘ ସମ୍ପାଦିକା ସ୍ୱର୍ଣ୍ଣଲତା ପଣ୍ଡାଙ୍କ ନେତୃତ୍ୱରେ ପାର୍ବତୀ ବେହେରା, ରୁକ୍ମଣୀ ମାଝି, ପଦ୍ମା ମାଝି, ଲକ୍ଷ୍ମୀ ଦୁରୁଆ, ସୁପ୍ରଭା କିର୍ସାନୀ, ମାମି ପରଜା, ତୁଳସା ଚାଲାଣ ପ୍ରମୁଖ ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ଥିଲେ। ସେହିପରି ବ୍ଲକ ଅଧୀନ ଚନ୍ଦ୍ରପଡ଼ା ଅଙ୍ଗନୱାଡ଼ି ପରିଦର୍ଶିକା ନିହାରବାଳା ସାହୁଙ୍କ ନେତୃତ୍ୱରେ ପରିଦର୍ଶିକାମାନେ ଅନ୍ୟ ଏକ ଅଭିଯୋଗ ପତ୍ର ଦେଇଛନ୍ତି।

■ ସକାଳେ ଆସି ସଞ୍ଜକୁ ଫେରୁଛନ୍ତି ଗରିବ ଆଦିବାସୀ

# ୩ ଦିନ ହେଲା ମିଳିପାରୁନି ଭତ୍ତା

## ଭତ୍ତା ଟଙ୍କା ଉଠାଇ ପିଇଓ, ସରପଞ୍ଚଙ୍କ ଦେଖା ନାହିଁ

ବନ୍ଧୁଗାଁ,୧୭।୬(ଡି.ଏନ୍.ଏ.)

କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକ ବଡ଼ସରପଲ୍ଲୀ ପଞ୍ଚାୟତରେ ଏଯାବତ୍ ଭତ୍ତା ଟଙ୍କା ବଣ୍ଟା ହୋଇପାରି ନାହିଁ। ପ୍ରତି ମାସର ୧୫ ତାରିଖ ପିଇଓ, ସରପଞ୍ଚଙ୍କ ଉପସ୍ଥିତିରେ ଅସହାୟ ବୃଦ୍ଧ, ବିଧବା, ଭିନ୍ନକ୍ଷମ ଲୋକଙ୍କୁ ଭତ୍ତା ଟଙ୍କା ବାଣ୍ଟିବାର ବ୍ୟବସ୍ଥା ରହିଛି । ବଡ଼ସରପଲ୍ଲୀ ପଞ୍ଚାୟତର ପିଇଓ ସୁରେଶ ପଟ୍ଟନାୟକ ଭତ୍ତା ଟଙ୍କା ଉଠାଇ ସରପଞ୍ଚ ଲକ୍ଷ୍ମୀ ମିଣିଆକାଙ୍କୁ ହସ୍ତାନ୍ତର କରିବା ପରେ ରଜ ଛୁଟିରେ ଯାଇ ଫେରି ନାହାନ୍ତି । ଜୁନ୍ ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ଭୀଷଣ ଗରମରେ ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗ ଓ ବିଧବା ମହିଳାମାନେ ଭତ୍ତା ପାଇଁ ଆସି ସକାଳ ୭ଟାରୁ ପଞ୍ଚାୟତ ରାସ୍ତାକଡ଼ରେ ବସୁଛନ୍ତି। ପିଏସ୍‌ଓଙ୍କ ଫୋନ ସୁଇଚ୍‌ଅଫ୍ ଥିବାବେଳେ ଯୋଗାଣ ସହାୟକଙ୍କୁ ଫୋନ୍ କରାଯିବାରୁ ସେ କହିଥିଲେ, ଟଙ୍କା ଉଠାହୋଇ ସରପଞ୍ଚଙ୍କ ପାଖରେ ଅଛି। ସେ ବର୍ତ୍ତମାନ ଗାଁରେ ନାହାନ୍ତି। ବିଡିଓ ମନୋଜ ନାୟକଙ୍କୁ ଫୋନ କରିବାରୁ ସେ କହିଥିଲେ, ମୁଁ ଫୋନ କରି ବୁଝିବି। ବଡ଼ସରପଲ୍ଲୀ ପିଏସ୍‌ଓ ଜଣକ ଜିପିଇଓ ଚାର୍ଜରେ ବନ୍ଧୁଗାଁ ବ୍ଲକରେ ରହିଛନ୍ତି। ଏପଟେ ଗରିବ ଆଦିବାସୀ ବାରମ୍ବାର ଭତ୍ତା ପାଇଁ ଆସି ହନ୍ତସନ୍ତ ହେଉଛନ୍ତି। ତୁରନ୍ତ ଭତ୍ତା ପ୍ରଦାନ କରିବା ପାଇଁ ସେମାନେ ଦାବି କରିଛନ୍ତି।



ପଞ୍ଚାୟତ ଅଫିସ ଆଗରେ ଭତ୍ତା ପାଇଁ ଅପେକ୍ଷା କରିଛନ୍ତି ହିତାଧିକାରୀ ।

## ସଂକ୍ଷେପରେ

### ଭୁଶୁଡିଲା ଉପସ୍ୱାସ୍ଥ୍ୟକେନ୍ଦ୍ର ପାଚେରି



ଚନ୍ଦାହାଣ୍ଡି,୧୭।୬(ଡି.ଏନ.ଏ):ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ରବିବାର ଅପରାହ୍ନରେ ଜୋରରେ ପବନ ବୋହିବା ସହ ବର୍ଷା ହୋଇଥିଲା। ଏଥିରେ ମୋହରା ଉପସ୍ୱାସ୍ଥ୍ୟକେନ୍ଦ୍ର ପଛପଟର ପାଚେରୀ ସମ୍ପୂର୍ଣ୍ଣ ଭୁଶୁଡି ଯାଇଥିଲା। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନୂତନ ଭାବେ ଉପସ୍ୱାସ୍ଥ୍ୟକେନ୍ଦ୍ର କୋଠା ନିର୍ମାଣ କରାଯାଇଥିଲେ ମଧ ତାହା ହସ୍ତାନ୍ତର କରାଯାଉ ନ ଥିବାରୁ ପୁରୁଣା ବିପଦ ସଙ୍କୁଳ କୋଠାରେ ଚିକିତ୍ସା କରାଯାଉଛି। ନୂତନ କୋଠା ନିର୍ମାଣ କରାଯାଇ ଏକ ବର୍ଷରୁ ଅଧିକ ବିତି ଯାଇଥିଲେ ମଧ ଶୌଚାଳୟ ଭାଙ୍ଗିରୁଜି ପଡିଛି। ପାଚେରୀ ଭିତରେ ୩ ଫୁଟର ଖାଲ ଥିବା ବେଳେ ସେଥିରେ ମାଟି ଭର୍ତ୍ତି କରାଯାଇ ନ ଥିବାରୁ ବର୍ଷା ହେଲେ ତାହା ପୋଖରୀର ଭ୍ରମ ସୃଷ୍ଟି କରୁଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

### ତାତିରୁ ଆଶ୍ୱସ୍ତି

ଚନ୍ଦାହାଣ୍ଡି,୧୭।୬(ଡି.ଏନ.ଏ):ଚନ୍ଦାହାଣ୍ଡି ବ୍ଲକରେ ରବିବାର ଓ ସୋମବାର ବର୍ଷା ହେବା ଫଳରେ ତାତିରୁ ଲୋକମାନେ ଆଶ୍ୱସ୍ତି ଅନୁଭବ କରିଛନ୍ତି। ବର୍ଷା ଓ ପବନ ଯୋଗୁ ୨ ଦିନ ଧରି ବ୍ଲକରେ ବିଦ୍ୟୁତ ସେବା ବନ୍ଦ ରହିଛି। ଅଖୀମୁଠି ସରିଯାଇଥିବା ବେଳେ ବିହନ ବୁଣିବାକୁ ଚାଷୀ ବର୍ଷାକୁ ଚାହିଁ ରହିଥିବା ବେଳେ ରବିବାର ବର୍ଷା ଯୋଗୁ ଏବେ ହଳ ଲଙ୍ଗଳ ଚାଷୀ ସଜାଉଥିବା ଦେଖିବାକୁ ମିଳିଛି।

■ ପୋଲିସ ହେପାଜତରେ ବୃଦ୍ଧଙ୍କ ମୃତ୍ୟୁ ଘଟଣା

# ବିଧାୟକଙ୍କ ପ୍ରତିଶ୍ରୁତି ପରେ ଅନ୍ତ୍ୟେଷ୍ଟିକ୍ରିୟା

ନବରଙ୍ଗପୁର/ପାପଡାହାଣ୍ଡି, ୧୭।୬(ବି.ପ୍ର./ଡି.ଏନ.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଖୁଣ୍ଟିଗୁଡାଠାରେ ଶନିବାର ଚାଲିଥିବା କୁକୁଡ଼ା ଗାଲି ସ୍ଥାନରୁ ବଡପାଞ୍ଜିଆରିଗୁଡା ଗାଁର ବୃଦ୍ଧ ଗୋବର୍ଦ୍ଧନ ବିନ୍ଧାଣି (୬୦)ଙ୍କୁ କୋଷାଗୁମୁଡା ପୋଲିସ ଉଠାଇ ନେଇଥିଲା। ପରେ ପୋଲିସ ହେପାଜତରେ ଗୋବର୍ଦ୍ଧନଙ୍କ ମୃତ୍ୟୁ ଘଟିଥିଲା। ରବିବାର ଏହି ଘଟଣାକୁ ନେଇ ଉତ୍ତେଜନା ଦେଖା ଦେଇଥିଲା। ସୋମବାର ମଧ ଲୋକଙ୍କ ମଧ୍ୟରେ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ମହାପ୍ରୟାଣ ଗାଡିରେ ଗାଁକୁ ନିଆଯାଇଥିଲା। ସାଥିରେ ପରିବାର ଲୋକଙ୍କୁ ନେଇ ୩ ଟି ଗାଡିରେ ପୋଲିସ ଫୋର୍ସ ବଡ ପାଞ୍ଜିଆରିଗୁଡା ଗାଁକୁ ଯାଇଥିଲା । ତେବେ ରବିବାର ଗ୍ରାମବାସୀଙ୍କ ଉପରେ କରିଥିବା ଲାଠିଚାର୍ଜ ଭୟରେ ପୋଲିସ ଗାଁ ଠାରୁ ଦୁଇ କିଲୋମିଟର ଦୂରରୁ ଫେରି ଆସିଥିଲା। ମୃତଦେହ ସହ ମହାପ୍ରୟାଣ ଗାଡି ସେହିଭଳି ରାତି ସାରା ଗାଁ ମୁଣ୍ଡରେ ଠିଆ ହୋଇ ରହିଥିଲା । ମୃତଦେହ ଗ୍ରହଣ କରିବୁ ନାହିଁ ବୋଲି ପରିବାର ଲୋକ ଓ ଗ୍ରାମବାସୀ କହିଥିଲେ।



ଗ୍ରାମବାସୀଙ୍କ ସହ ବିଧାୟକ ମନୋହର ରନ୍ଧାରୀ ଆଲୋଚନା କରୁଛନ୍ତି ।

- ■ମହାପ୍ରୟାଣ ଗାଡି ସହ ଗାଁ ଭିତରକୁ ଭୟରେ ଗଲାନି ପୋଲିସ
- ■ମୃତଦେହ ଧରି ମହାପ୍ରୟାଣ ଗାଡ଼ି ଗାଁ ମୁଣ୍ଡରେ ଅଟକି ରହିଲା
- ■କୋଷାଗୁମୁଡା, କୋଡିଙ୍ଗା ପୋଲିସ ଅଧିକାରୀଙ୍କୁ ନିଲମ୍ବନ ସହ କାର୍ଯ୍ୟାନୁଷ୍ଠାନ ଦାବି କଲେ ପରିବାର
- ■ମୃତକଙ୍କ ପରିବାରକୁ ଦିଆଯିବ ଆବାସ ଯୋଜନାରେ ଗୃହ



ଶୋକାକୁଳ ପରିବେଶରେ ଗୋବର୍ଦ୍ଧନଙ୍କ ମୃତଦେହ ସତ୍କାର କରାଯାଉଛି ।

ପରିବାର ପକ୍ଷରୁ ୫୦ ଲକ୍ଷ ଟଙ୍କା ଏବଂ କୋଷାଗୁମୁଡା ଓ କୋଡିଙ୍ଗା ପୋଲିସକୁ ନିଲମ୍ବିତ କରାଯାଇ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ସୋମବାର ପୂର୍ବାହ୍ନ ୯ଟାରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପାପଡାହାଣ୍ଡି ବିଜେଡି ବ୍ଲକ ସଭାପତି ବିଦ୍ୟାଧର ମଲ୍ଲିକ, ତହସିଲଦାର ପ୍ରେମଲାଲ ହିଆଲ ପ୍ରମୁଖ ପହଞ୍ଚି ଗ୍ରାମବାସୀ ଓ ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପରିବାର ସଦସ୍ୟଙ୍କୁ ସରକାରୀ ସହାୟତା ଦିଆଯିବ ବୋଲି ବିଧାୟକ କହିଥିଲେ । ପରିବାରଙ୍କୁ ଆବାସ ଗୃହ ପ୍ରଦାନ କରାଯିବ ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। କ୍ଷତିପୂରଣ ନେଇ ବିଧାୟକ ବୁଝିବି ବୋଲି କହିବା ପରେ ପରିବାର ଓ ଗାଁ ଲୋକ ଶବ ସତ୍କାର କରିବାକୁ ରାଜି ହୋଇଥିଲେ ବୋଲି ଗୋବର୍ଦ୍ଧନଙ୍କ ଭଣଜା କହିଛନ୍ତି। ରବିବାର କୋଡିଙ୍ଗା ଥାନା ଘେରାଉ, ପୋଲିସ ଉପରକୁ ପଥର ମାଡ ଓ ଥାନା ଭଙ୍ଗାରୁଜା ଘଟଣାରେ ଗ୍ରାମବାସୀଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଛି। ଲୋକଙ୍କ ବିରୋଧରେ କୌଣସି ମାମଲା ରୁଜୁ ହେବ ନାହିଁ ବୋଲି ଆଲୋଚନା ବେଳେ ପ୍ରତିଶ୍ରୁତି ଦିଆଯାଇଥିଲା। ବିଧାୟକଙ୍କ ଉପସ୍ଥିତିରେ ଗୋବର୍ଦ୍ଧନଙ୍କ ଶବ ସତ୍କାର କରାଯାଇଥିଲା ।

## ଘଟଣାକୁ ନେଇ ପ୍ରତିକ୍ରିୟା

### ତଦନ୍ତ ପରେ ଦୋଷୀଙ୍କ ବିରୋଧରେ ନିଆଯିବ କାର୍ଯ୍ୟାନୁଷ୍ଠାନ



ଗ୍ରାମବାସୀ ଓ ପରିବାର ଲୋକଙ୍କ ଦାବୀ ରହିଥିଲା ଯେ ଯେଉଁମାନେ ଏହି ଘଟଣାରେ ସମ୍ପୃକ୍ତ ରହିଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ତଦନ୍ତ ପରେ ଯେଉଁ ମାନେ ଘଟଣାରେ ସମ୍ପୃକ୍ତ ଥିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ମୃତଦେହ ବ୍ୟବଚ୍ଛେଦ ହୋଇଛି । ରିପୋର୍ଟ ଆସିବା ପରେ ଗୋବର୍ଦ୍ଧନଙ୍କ କେଉଁ କାରଣରୁ ମୃତ୍ୟୁ ଘଟିଛି ତାହା ଜଣାପଡିବ । ଆଲୋଚନା କରିବା ପରେ ପରିବାର ଲୋକ ମୃତଦେହ ସତ୍କାର ପାଇଁ ରାଜି ହୋଇଥିଲେ ।

-ମନୋହର ରନ୍ଧାରୀ, ଡାବୁଗାଁ ବିଧାୟକ

### ମାନବିକତାକୁ କୁଠାରାଘାତ



ଗୋବର୍ଦ୍ଧନ ବିଧାଣୀଙ୍କ ମୃତ୍ୟୁ ଏକ ଦୁଃଖଦ ଘଟଣା । ପୋଲିସ ପ୍ରଥମେ ଜଣକୁ ମାଡ ମାରି ପାରିବ ନାହିଁ । ପରିବାର ଲୋକ ଯେଉଁ ଯେଉଁ ଅଭିଯୋଗ ଆଣିଛନ୍ତି ସେଥିରେ ସତ୍ୟତା ନିଶ୍ଚିତ ରହିଛି। ଏହି ଘଟଣାରେ ଯିଏ ଦୋଷୀ ନିଶ୍ଚିତ ଦଣ୍ଡ ପାଇବା ଆବଶ୍ୟକ ରହିଛି । ଜଣେ ମୃତ ପରେ ଏଠାରେ ତାହାର ସମାଧାନ ନକରି ଘଟଣାକୁ ଚପାଇବା ପାଇଁ ଯେଉଁ ବ୍ୟବସ୍ଥା କରାଗଲା ତାହା ମାନବିକତାକୁ କୁଠାରାଘାତ କରିଛି । ଅପରାଧକୁ ଯିଏ ସହଯୋଗ କରାଇଛି ସେମାନଙ୍କ ଉପରେ ମଧ କାର୍ଯ୍ୟାନୁଷ୍ଠାନ ଦରକାର। କୋଷାଗୁମୁଡା ଓ କୋଡିଙ୍ଗାର ସମସ୍ତ ପୋଲିସ ଅଧିକାରୀଙ୍କୁ ତୁରନ୍ତ ବଦଳୀ କରାଯିବା ଆବଶ୍ୟକତା ରହିଛି । ନୀରିହ ଜନସାଧାରଣଙ୍କ ପ୍ରତି ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପସନ୍ଦ ଯୋଗ୍ୟ ନୁହେଁ।

-ଚନ୍ଦ୍ରଧ୍ୱଜ ମାଝୀ, ଅବିଭକ୍ତ କୋରାପୁଟ ଜିଲା ମୂଳନିବାସୀ ବିକାଶ ପରିଷଦ ଅଧକ୍ଷ

### ମାନବ ଅଧିକାରକୁ କ୍ଷୁଣ୍ଣ କରିଛି ପୋଲିସ



ଜଣେ ନୀରିହ ନାଗରିକ ଗୋବର୍ଦ୍ଧନ ବିନ୍ଧାଣୀଙ୍କୁ ପୋଲିସ ମାଡ ମାରିବା ଓ ତାହାର ମୃତ୍ୟୁ ଘଟିବା ପୋଲିସ ଇତିହାସରେ ଏକ କଳଙ୍କ ସୃଷ୍ଟି କରୁଛି । ଡକାୟତି ହତ୍ୟା, ଲୁଣ୍ଠନ ଭଳି ଅନେକ ଘଟଣା ଘଟି ଚାଲିଥିଲେ ମଧ ପୋଲିସ ଜାଣି ଶୁଣି କିଛି ନ ଜାଣିଲା ଭଳି ରହୁଛି । ପୋଲିସ ହେପାଜତକୁ ନେଇ ଜଣେ ବରିଷ୍ଠ ନାଗରିକଙ୍କୁ ମାଡମାରି ଜୀବନ ନେବା ସହ ନ୍ୟାୟ ମାଗିବା ପାଇଁ ଆସିଥିବା ଗାଁ ଲୋକଙ୍କୁ ମଧ ଲାଠି ଚାଳନା କରିବା ଓ ଭୟଭୀତ କରାଇ ଫାଙ୍କା ଗୁଳି ଚାଳନା କରିବା ନିନ୍ଦନୀୟ ଓ ଅମାନବୀୟ । ଏହା ଦ୍ୱାରା ପୋଲିସ ମାନବ ଅଧିକାରକୁ କ୍ଷୁର୍ଣ୍ଣ କରିଛି । ନିରିହ ଗୋବର୍ଦ୍ଧନଙ୍କ ମୃତ୍ୟୁରେ ଦାୟୀ ଥିବା ଓ ସହଯୋଗ କରିଥିବା ପୋଲିସଙ୍କ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ । ତା' ନହେଲେ ପୋଲସ ଉପରୁ ଜନସାଧାରଣଙ୍କ ଭରସା ତୁଟିଯିବ ।

- ରାମ ପ୍ରସାଦ ପାତ୍ର, ଜିଲା ଆଇନଜୀବୀ ସଂଘ ସମ୍ପାଦକ

### ଜାତୀୟ ମାନବାଧିକାର କମିଶନଙ୍କ ଦ୍ୱାରା ତଦନ୍ତ ହେଉ



ଗୋବର୍ଦ୍ଧନ ବିନ୍ଧାଣୀ ଓ କମ୍ଳୁ ହରିଜନକୁ କୋଷାଗୁମୁଡା ଥାନା ଅଧିକାରୀ ଶନିବାର ଉଠାଇ ଆଣିବା ଓ ମାଡି ମାରିଥିବା ଅଭିଯୋଗ ଏକ ନିନ୍ଦନୀୟ ଘଟଣା । ଗୋବର୍ଦ୍ଧନଙ୍କ ପୋଲିସ ମାଡରେ ମୃତ୍ୟୁ ଘଟିଥିବା ପରିବାର ଲୋକଙ୍କ ଅଭିଯୋଗକୁ ନେଇ ତଦନ୍ତ ହେବା ଆବଶ୍ୟକ । ମୃତ ଶରୀରକୁ ନେଇ ଘଟିଥିବା ଘଟଣା ଓ ରବିବାର କୋଡିଙ୍ଗା ଥାନାରେ ଘଟିଥିବା ଘଟଣା ପୋଲିସ ଉପରେ ଏକ କଳା ଦାଗ ସୃଷ୍ଟି କରିଛି । ଏହା ଜାତୀୟ ମାନବାଧିକାର କମିଶନଙ୍କ ଦ୍ୱାରା ତଦନ୍ତ କରାଯିବା ଆବଶ୍ୟକ ରହିଛି । ଦୋଷୀଙ୍କ ବିରୋଧରେ ଆଇନ ଗତ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ ।

-ଗୌରୀ ଶଙ୍କର ମାଝୀ, ଭାଜପା ବିଧାୟକ ପ୍ରାର୍ଥୀ

# ବିଶିଷ୍ଟ ଲାଖଶିଳ୍ପୀଙ୍କ ପରଲୋକ

■ ହକି ବିଶ୍ୱକପରେ ଲାଖତିଆରି ଉପହାର ପ୍ରସ୍ତୁତ କରି ପ୍ରଶଂସା ପାଇଥିଲେ

ନବରଙ୍ଗପୁର,୧୭।୬(ବି.ପ୍ର)

କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଦ୍ୱାରା ପୁରସ୍କୃତ ବିଶିଷ୍ଟ ଲାଖଶିଳ୍ପୀ ସୁଶ୍ରୀ କୁନ୍ତଳା କୁମାରୀ ପାତ୍ର (୬୨)ଙ୍କ ଚିକିତ୍ସାଧିନ ଅବସ୍ଥାରେ କୋରାପୁଟ ମେଡିକାଲ କଲେଜରେ ଦେହାନ୍ତ ହୋଇଛି । ମୃତ୍ୟୁ ବେଳକୁ ତାଙ୍କର ପୁତୁରା କାଳୀଚରଣ ପାତ୍ର ଓ ଜିତେନ୍ଦ୍ର ପାତ୍ର ଉପସ୍ଥିତ ଥିଲେ। ସୋମବାର ତାଙ୍କ ମର ଶରୀର ନବରଙ୍ଗପୁର ସ୍ଥିତ ଶଙ୍ଖାରୀ ସାହିରେ ପହଞ୍ଚିବା ପରେ ଶୋକର ଛାୟା ଖେଳିଯାଇଥିଲା । ବହୁ ବିଶିଷ୍ଟ ବ୍ୟକ୍ତି ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସୁଶ୍ରୀ ପାତ୍ର ୨୦୧୮ ହକି ବିଶ୍ୱକପରେ ଲାଖତିଆରୀ ଉପହାର ନିର୍ମାଣ କରି ପ୍ରଶଂସିତ ହୋଇଥିଲେ ।



ଜିଲାର ଲୋକ ମହୋତ୍ସବ ମଣ୍ଡେଇରେ ନିଜର ହସ୍ତକଳା କାରୁକାର୍ଯ୍ୟ ଯୋଗୁ ସମ୍ମାନୀତ ହୋଇଥିଲେ । ୨୦୧୨ ମସିହାରେ ନବରଙ୍ଗପୁର ମାଆଘର ଶାଖା ପକ୍ଷରୁ ତାଙ୍କୁ ମା'ସମ୍ମାନରେ ସମ୍ମାନିତ କରାଯାଇଥିଲା । ଅରୂପା କୁଟୀର ଶିଳ୍ପ ଓ ରାଜ୍ୟ ସରକାରଙ୍କର ଦ୍ୱାରା ବହୁ ସମ୍ମାନ ପାଇଥିବାବେଳେ ବିଜୁ ଶତବାର୍ଷିକ ଉତ୍ସବରେ ମୁଖ୍ୟମନ୍ତ୍ରୀ ମଧ ସମ୍ମାନୀତ କରିଥିଲେ । ମୃତ୍ୟୁ ଖବର ଶୁଣିବାପରେ ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ମା'ଘର ନବରଙ୍ଗପୁର ଶାଖାର ସଭାପତି କାଦମ୍ବିନୀ ତ୍ରିପାଠୀ, ମାଆଘର ଅଧକ୍ଷା ରତ୍ନପର୍ଣ୍ଣା ମହାନ୍ତି, ପୂର୍ବତନ ଏମପି ପ୍ରଦୀପ ମାଝୀ, ପୂର୍ବତନ ବିଧାୟକ ଭୂଜବଳ ମାଝୀ, ପୂର୍ବତନ ବିଧାୟକ ସଦନ ନାୟକ, ଜିଲା କଂଗ୍ରେସ ଉପସଭାପତି ଦିଲୀପ ବେହେରା, ନଗର ସଭାପତି ଉତ୍ତମ ତ୍ରିପାଠୀ, ଜିଲା ଆଦିବାସୀ କଂଗ୍ରେସ ସଭାପତି ଅଖିଳ ଭତରା, ପିସିସି ସଙ୍ଗଠନ ସମ୍ପାଦକ ସରୋଜ ପାତ୍ର, ଏଆଇସିସି ସଭ୍ୟା ମନଷା ତ୍ରିପାଠୀ, ଅବଦୁଲ ଫିରୋଜ, ଜିଲା ସମ୍ପାଦକ ପ୍ରଦୀପ ସାହୁ ପ୍ରମୁଖ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ବଜ୍ରପାତରେ ୨ ଜଣଙ୍କ ସହ ୪ ଗୋରୁ ମୃତ

ପାପଡାହାଣ୍ଡି, ୧୭।୬(ଡି.ଏନ.ଏ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକରେ ରବିବାର ବଜ୍ରପାତରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ଚେରଚେଟୋ ପଞ୍ଚାୟତ ବରଦେଇ ଗ୍ରାମର ବିଷମ ନାୟକ ଓ ମହେନ୍ଦ୍ର ଭତରା। ରବିବାର ସନ୍ଧ୍ୟାରେ ଦୁହେଁ ଜମି ଆଡକୁ ବୁଲିବାକୁ ଯାଇଥିଲେ। ହଠାତ ବର୍ଷା ସହ ପବନ ଏବଂ ଘଡଘଡି ହୋଇଥିଲା । ଯେଉଁଥିରେ ଦୁଇ ଜଣ ଘରକୁ ଆଉ ଫେରିପାରିନଥିଲେ । ବଜ୍ରପାତରେ ସେଠାରେ ସେମାନଙ୍କ ମୃତ୍ୟୁ ଘଟିଥିଲା। ସୋମବାର ସେମାନଙ୍କ ମୃତଦେହ ଜମିରୁ ଉଦ୍ଧାର କରାଯାଇଛି । ଏ ନେଇ ସ୍ଥାନୀୟ ସରପଞ୍ଚ ଉଆଁଶୁ ମାଝୀ ଥାନାରେ ଏତଲା ଦେବା ପରେ ମୃତଦେହ ବ୍ୟବଚ୍ଛେଦ ହୋଇଛି । ସେହିପରି ପାରି ମାନିଗାଁ ଠାରେ ଡମ୍ବରୁ ମାଝୀଙ୍କ ୪ ଟି ଗୋରୁ ଗଛ ତଳେ ଶୋଇଥିବା ସମୟରେ ରାତିରେ ବଜ୍ରପାତ ହୋଇ ମୃତ୍ୟୁ ଘଟିଛି।

# ସୀମାନ୍ତ ସାହିତ୍ୟ ପତ୍ରିକାର ଲେଖକ ପାଠକ ସମ୍ମେଳନ

ନବରଙ୍ଗପୁର,୧୭।୬(ବି.ପ୍ର)

ନବରଙ୍ଗପୁରଠାରେ ସାହିତ୍ୟ ପତ୍ରିକା ସୀମାନ୍ତ ତରଫରୁ ସ୍ଥାନୀୟ ଏକ ହୋଟେଲରେ ଲେଖକ ପାଠକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପତ୍ରିକାର ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ ଓ ମୁଖ୍ୟଅତିଥି ଭାବେ ଐତିହାସକ ଡଃ ଅସିତ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ପ୍ରାବନ୍ଧିକ ନାରାୟଣ ପଣ୍ଡା, ସମ୍ମାନିତ ଅତିଥି ସଚ୍ଚିଦାନନ୍ଦ ଚୌଧୁରୀ, ସୀମାନ୍ତର ପରିଚାଳନା ସମ୍ପାଦକ ଜି. ଭେଙ୍କଟ ରେଡ୍ଡି, ବୁଲୁ ହୋତା ଓ ସୁରେଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ ପତ୍ରିକାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ପତ୍ରିକାର ସ୍ୱନକ୍ଷେତ୍ର ବିଶେଷାଙ୍କରେ ପ୍ରକାଶ ପାଇଥିବା ସ୍ୱରଚିତ କବିତା, ପ୍ରବନ୍ଧ, ଗଳ୍ପଗୁଡିକୁ କବିମାନେ ପାଠ କରିଥିଲେ । ଲେଖକ ଓ ପାଠକମାନଙ୍କ ମଧ୍ୟରେ ପ୍ରଶ୍ନୋତ୍ତର ମାଧ୍ୟମରେ ଭାବ ବିନିମୟ ହୋଇଥିଲା। ଏଥିରେ ସାହିତ୍ୟିକ ଜଗଦିଶ ତ୍ରିପାଠୀ, ସରୋଜ ତ୍ରିପାଠୀ, ପ୍ରଭଞ୍ଜନ ତ୍ରିପାଠୀ, ରାମଶଙ୍କର ନାୟକ, ରାମପ୍ରସାଦ ପାତ୍ର, ଜଗନ୍ନାଥ ବେହେରା, ହରପ୍ରସାଦ ଦାଶ, ଗୋପାଳ ପାଣିଗ୍ରାହୀ, ମନୋଜ ପଟ୍ଟନାୟକ, ଡ. ମନୋଜ କିଶୋର ନାୟକ, ବିଧୂତ ଶେଖର ମିଶ୍ର, ସହଦେବ ପରିଡା, ସ୍ମୃତି ପଣ୍ଡା, ବେଣୁଗୋପାଳ ରାଓ, ବନ୍ଦିତା କର, ବିଷ୍ଣୁପ୍ରିୟା କରସୁଧା ପଟ୍ଟନାୟକ, ଜାହ୍ନବୀ ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।



ସମ୍ମେଳନରେ ଉପସ୍ଥିତ ଅତିଥିମାନେ ।

# ଶ୍ରୀ ଜୀଉଙ୍କ ଦେବସ୍ନାନ ନୀତି ସମ୍ପନ୍ନ



ନବରଙ୍ଗପୁରଠାରେ ତିନି ଠାକୁରଙ୍କୁ ସ୍ନାନପରେ ପୂଜା କରାଯାଉଛି ।



ଡାବୁଗାଁଠାରେ ସ୍ନାନ ମଣ୍ଡପରେ ତିନି ଠାକୁର ।

ନବରଙ୍ଗପୁର/ରାଇଘର/ପାପଡାହାଣ୍ଡି/ ଡାବୁଗାଁ,୧୭।୬(ଡି.ଏନ.ଏ)

ନବରଙ୍ଗପୁର ଜଗନ୍ନାଥ ମନ୍ଦିରଠାରେ ଶ୍ରୀ ଜୀଉଙ୍କ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ରାଜପୁରୋହିତ ନରସିଂହ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଦେବସ୍ନାନ ନିତୀ ସମ୍ପନ୍ନ ହୋଇଛି। ପ୍ରାତଃ ସମୟରେ ଗୌଡ ସେବାୟତମାନେ ଇନ୍ଦ୍ରାବତୀ ନଦୀ ଜଳ,ମା'ଭଣ୍ଡାର ଘରଣୀ ମନ୍ଦିର କୂପ ଜଳ, ନୂଆବନ୍ଧ ଜଳ ଓ ଗୋରାମୁଣ୍ଡା ବନ୍ଧ ଜଳ ସଂଗ୍ରହ କରିଥିଲେ। ଏହାସହ ୧୦୮ ଟି ପଇଡ ମିଶ୍ରଣ କରି ୧୦୮ ପିତ୍ତଳ ଢାଳରେ ଦେବସ୍ନାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କର୍ତ୍ତା ରୂପେ ଟିଟିବାବୁ କାର୍ଯ୍ୟ ତୁଲାଇଥିଲେ। ସ୍ନାନ ବେଦୀରେ ଅପରାହ୍ନରେ ଶ୍ରୀ ଜୀଉ ଗଜାନନ ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥିଲେ। ସ୍ନାନ ପରେ ପରମ୍ପରା ଅନୁସାରେ ଶ୍ରୀ ଜୀଉମାନଙ୍କୁ ପନ୍ଦର ଦିନ ପର୍ଯ୍ୟନ୍ତ ଅଣସର କକ୍ଷରେ ରଖାଯିବ। ଦେବୋତ୍ତର ବିଭାଗ, ମନ୍ଦିର ନିର୍ମାଣ କମିଟି ଆନୁକୁଲ୍ୟରେ ଏହା ଅନୁଷ୍ଠିତ ହୋଇଯାଇଛି। ଦେବୋତ୍ତର ବିଭାଗ, ମନ୍ଦିର ନିର୍ମାଣ କମିଟି ଆନୁକୁଲ୍ୟରେ ଏହା ଅନୁଷ୍ଠିତ ହୋଇଯାଇଛି। ଦେବୋତ୍ତର କମିଟି ଅଧକ୍ଷ ସୁବାଷ ଚନ୍ଦ୍ର ସୁର, ତହସିଲଦାର, ସଦସ୍ୟ ଝାଡେଶ୍ୱର ଖାଡାଙ୍ଗା, ଜଗନ୍ନାଥ ମନ୍ଦିର ପୁରୋହିତ ଶେଷଧର ବ୍ରହ୍ମା, ସତ୍ୟବାଦୀ ଷଡଙ୍ଗୀ, ନିତୀ ନିଯୋଗ ପରିଚାଳନା କମିଟି ସଭାପତି ନରେଶ ତ୍ରିପାଠୀ, ସମ୍ପାଦକ କୁନା ପାତ୍ର , ମା' ଭଣ୍ଡାର ଘରଣୀ କର୍ମକାଣ୍ଡ ପ୍ରଶିକ୍ଷଣ କେନ୍ଦ୍ର ଶିକ୍ଷାର୍ଥୀ ପ୍ରମୁଖମାନେ ସହଯୋଗ କରିଥିଲେ। ସେହିପରି ରାଇଘର ଜଗନ୍ନାଥ ମନ୍ଦିରରେ ଠାକୁରଙ୍କ ସ୍ନାନ ପୂର୍ଣିମା ପାଳିତ ହୋଇଯାଇଛି। ଏଥିରେ ପୁରୋହିତ ବଳଭଦ୍ର ରଥ ଓ ତାଙ୍କ ସହଯୋଗୀ ପିଲାରାମ ଗଣ୍ଡଙ୍କ ନେତୃତ୍ୱରେ ତିନି ଠାକୁରଙ୍କୁ ସ୍ନାନ ବେଦୀକୁ ନିଆଯାଇଥିଲା। ତିନି ଠାକୁରଙ୍କୁ ପହଣ୍ଡି ବିଜେ ସହ ସୁଦର୍ଶନଙ୍କ ପହଣ୍ଡି ବିଜେ କରାଯାଇଥିଲା। ଏଥିରେ କମିଟି ସଭାପତି ସହଦେବ ଗଣ୍ଡ,ସମ୍ପାଦକ କହ୍ନେଇ ଲାଲ ଗଣ୍ଡ, ଉଦୟ ଚନ୍ଦ୍ର ପଟ୍ଟନାୟକ,ଶିବ ପାତ୍ର,ସୁଜିତ ପଣ୍ଡାଙ୍କ ସମେତ କମିଟିର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।ପାପଡାହାଣ୍ଡିର ଜଗନାଥ ମନ୍ଦିରରେ ସୋମବାର ଶ୍ରୀ ଜୀଉମାନଙ୍କ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ପୁରୋହିତ ବଞ୍ଚାନିଧି ନନ୍ଦଙ୍କ ତତ୍ତ୍ୱାବଧାନରେ ପୂର୍ବାହ୍ନ ୧୧ ଟା ରେ ପହଣ୍ଡି କରି ଶ୍ରୀ ଜୀଉଙ୍କୁ ସ୍ନାନ ବେଦୀକି ଅଣାଯାଇଥିଲା । ୧୦୮ ମାଟି ହାଣ୍ଡିର ସୁବାସିତ ଜଳରେ ସ୍ନାନ କରାଯାଇଥିଲା । ଲକ୍ଷ୍ମଣ ରଥ ଛେରା ପହଁରା ପରେ ଗଜାନନ ବେଶରେ ଠାକୁରଙ୍କୁ ସଜ୍ଜିତ କରାଯାଇଥିଲା। ଗଜାନନ ବେଶ ଦେଖିବାକୁ ପ୍ରବଳ ଭିଡ଼ ଜମିଥିଲା । ବାବୁ ନନ୍ଦ, ନୀଳକଣ୍ଠ ତ୍ରିପାଠୀ, ରାମ ପ୍ରସାଦ ଦାସ, ତିମି ଘଣ୍ଟ, ପ୍ରଶାନ୍ତ ପାତ୍ର, ଶିବୁନ ସାବତ ପ୍ରମୁଖ ସହଯୋଗ କରିଥିଲେ। ଡାବୁଗାଁ ବ୍ଲକ ସଦରମହକୁମା ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ସୋମବାର ପାଳିତ ହୋଇଯାଇଛି । ଏଥିରେ ସକାଳୁ ବିଭିନ୍ନ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରଯାଇଥିଲା ମଧ୍ୟାହ୍ନରେ ଦଇତାପତି ସେବକମାନେ ତିନି ଠାକୁରଙ୍କୁ ପହଣ୍ଡି କରି ସ୍ନାନ ମଣ୍ଡପକୁ ନିଆଯାଇଥିଲା। ମହାପ୍ରଭୁଙ୍କୁ ସ୍ନାନ କରାଇବା ପରେ ଗଜ ବେଶ କରଯାଇଥିଲା। ଏହି ଗଜାନନ ବେଶ ଦର୍ଶନ ପାଇଁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା । ପରେ ତିନି ଠାକୁରଙ୍କୁ ପହଣ୍ଡି କରି ଅନସର ଘରକୁ ନିଆଯାଇଥିଲା। ଏଥିରେ ପୂଜକ ନବୀନ ପାଢୀ, ଦଇତାପତି ସେବକ, ପରିଚାଳନା କମିଟିର ଉପସଭାପତି ଜି.ଭେଙ୍କଟେଶ୍ୱର ରାଓ, ଦେବରାଜ ପାତ୍ର, ବନପାଳ ଲକ୍ଷ୍ମୀକାନ୍ତ ସାହୁ, ଜି. ସାଇ ରାଜୁ, ଭଗବାନ ମହାନ୍ତି, ଏମ୍.ଆପ୍ପା ରାଓ, ସୁରେନ୍ଦ୍ର କୁମାର ମିଶ୍ର, ବାବି ଜେନା, ଜି. ସତ୍ୟା ରାଓ, ରଞ୍ଜିତ କୁମାର ଘରାଇ, ଭଗବାନ ଖୁଣ୍ଟିଆ ଏବଂ ବହୁ ଭକ୍ତ ଯୋଗ ଦେଇଥିଲେ।



ପାପଡ଼ାହାଣ୍ଡିରେ ଶ୍ରୀଜୀଉଙ୍କ ଗଜାନନ ବେଶ ।



ରାଇଘରଠାରେ ତିନି ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଉଛି ।


ବିଷମକଟକରେ ଠାକୁରଙ୍କ ଗଜ ବେଶ।


ଅମ୍ବାଦଳା ସ୍ନାନମଣ୍ଡପରେ ଶ୍ରୀଜୀଉ ।


ଟିକିରି ସ୍ନାନମଣ୍ଡପରେ ଠାକୁରମାନେ।


ମୁନିଗୁଡ଼ାରେ ଶ୍ରୀଜୀଉଙ୍କୁ ସ୍ନାନ କରାଯାଉଛି।


ଗୁଣପୁର ବଡ ମନ୍ଦିରର ଠାକୁରମାନେ ସ୍ନାନମଣ୍ଡପରେ ବିରାଜମାନ କରିଛନ୍ତି।

## ■ ସ୍ନାନବେଦୀରେ ଶ୍ରୀଜୀଉ

# ହାତୀବେଶରେ ଦର୍ଶନ ଦେଲେ ମହାପ୍ରଭୁ

**ରାୟଗଡ଼ା ଅଫିସ/ଗୁଣପୁର/ବିଷମ କଟକ/ମୁନିଗୁଡ଼ା/ଟିକିରି/ଅମ୍ବାଦଳା, ୧୭।୬(ଡି.ଏନ୍.ଏ.)**

ସୋମବାର ପବିତ୍ର ଦେବସ୍ନାନ ପୂର୍ଣ୍ଣମୀ ଅବସରରେ ଚତୁର୍ଦ୍ଧାମୁରତି ସ୍ନାନବେଦୀରେ ଶ୍ରଦ୍ଧାଳୁଙ୍କୁ ହାତୀ ବେଶରେ ଦର୍ଶନ ଦେଇଛନ୍ତି। ରାୟଗଡ଼ା ଜିଲାର ବିଭିନ୍ନ ଅଞ୍ଚଳରେ ଥିବା ଜଗନ୍ନାଥ ମନ୍ଦିରରେ ଏହି ଉପଲକ୍ଷେ ଭିଡ଼ ଜମିଥିଲା। ସୋମବାର ସକାଳୁ ଠାକୁରମାନଙ୍କୁ ପହଣ୍ଡି କରାଯାଇ ସ୍ନାନବେଦୀକୁ ଅଣାଯାଇ ଥିଲା। ପରେ ସେଠାରେ ବିଭିନ୍ନ ନୀତି ବଢିଥିଲା। ସୁବାସିତ ଜଳରେ ଠାକୁରମାନଙ୍କୁ ସ୍ନାନ କରାଯାଇ ଆଳତି ଓ ଭୋଗଲାଗି ହୋଇଥିଲା। ପରେ ଠାକୁରମାନଙ୍କୁ ହାତୀବେଶରେ ସଜ୍ଜିତ କରାଯାଇଥିଲା। ଠାକୁରଙ୍କ ଏହି ବେଶ ଦେଖିବାକୁ ଭକ୍ତଙ୍କ ଭିଡ଼ ଜମିଥିଲା। ଠାକୁରମାନଙ୍କ ଏହି ଅପୂର୍ବ ବେଶ ଦର୍ଶନ କରି ଭକ୍ତ ବିଭୋର ହୋଇଥିଲେ। ସମସ୍ତଙ୍କ ଆଖିରେ ଥିଲା ଆନନ୍ଦାଶ୍ରୁ। ରାୟଗଡ଼ା ଜଗନ୍ନାଥ ସମେତ ଗୁଣପୁର ବଡ ଓ ସାନ ଜଗନ୍ନାଥ ମନ୍ଦିରରେ ମଧ୍ୟ ରୀତିନୀତି ଅନୁଯାୟୀ ଠାକୁରମାନଙ୍କ ହାତୀବେଶ ସମାପନ ହୋଇଥିଲା। ସେହିଭଳି ମୁନିଗୁଡ଼ା, ବିଷମକଟକ, ଟିକିରି, ଅମ୍ବାଦଳା ଜଗନ୍ନାଥ ମନ୍ଦିରରେ ମଧ୍ୟ ଠାକୁରମାନଙ୍କ ଦେବସ୍ନାନ ପୂର୍ଣ୍ଣିକା ନୀତି କରାଯାଇଥିଲା।


ରାୟଗଡ଼ାରେ ଠାକୁରମାନଙ୍କ ହାତୀବେଶ।

## ସଂକ୍ଷେପରେ

### ଗୁଣିଗାରେଡ଼ି ସନ୍ଦେହରେ ୩ଜଣଙ୍କୁ ହତ୍ୟା ଘଟଣା

### ଅନ୍ୟ ୨ ଅଭିଯୁକ୍ତ ଗିରଫ

ଗୁଣପୁର,୧୭।୬(ଡି.ଏନ୍.ଏ.)-ରାୟଗଡା ଜିଲା ରାମନାଗୁଡା ବ୍ଲକ ଉକୁମ୍ବାଗୁଡାରେ ଗୁଣିଗାରେଡ଼ି ସନ୍ଦେହରେ ହୋଇଥିବା ଟ୍ରିପଲ ମର୍ଡରରେ ଗୁଣପୁର ପୋଲିସ ସୋମବାର ଆଉ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗେଣ୍ଡୁ ଓରଫ ପୁରୁଷୋତ୍ତମ ଶବର ଏବଂ ରମେଶ ଶବର। ସେମାନଙ୍କୁ ଗୁଣପୁର କୋର୍ଟକୁ ଚାଲାଣ କରାଯାଇଛି। ଦୁହିଁଙ୍କୁ ମିଶାଇ ଏହି ମାମଲାରେ ପୋଲିସ ୧୫ଜଣଙ୍କୁ ଗିରଫ କରିଛି। ପ୍ରକାଶ ଯେ, ଫେବୃଆରୀ ୨୩ରେ ଗୋପାଳ ଶବର ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ଏବଂ ଗାଁର ଅନ୍ୟ ଜଣେ ବୃଦ୍ଧା ଝାଙ୍କିଲି ଶବରଙ୍କୁ ଗୁଣିଗାରେଡ଼ି କରୁଥିବା ସନ୍ଦେହରେ ହତ୍ୟା କରାଯାଇଥିଲା। ସେହି ମାସ ୨୮ ତାରିଖରେ ପୋଲିସ ପ୍ରଥମେ ୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଚଳିତ ମାସ ୧୩ ତାରିଖରେ ପୋଲିସ ଅନ୍ୟ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

### ଦାଦନ ଖଟିବାକୁ ଯିବାବେଳେ ୨ ନାବାଳକ ଉଦ୍ଧାର

ରାୟଗଡା ଅଫିସ୍, ୧୭।୬- ଦାଦନ ଖଟିବାକୁ ଯିବାବେଳେ ରାୟଗଡା ରେଲୱେ ଷ୍ଟେଶନ୍‌ରୁ ୨ଜଣ ନାବାଳକଙ୍କୁ ଚାଇଲ୍ଡ ଲାଇନ୍ ଉଦ୍ଧାର କରିଛି। ଉଦ୍ଧାର ନାବାଳକ ୨ଜଣ କଳାହାଣ୍ଡି ଜିଲାର ବୋଲି ଜଣାପଡିଛି। ଚାଇଲ୍ଡ ଲାଇନ୍‌ର ସଦସ୍ୟ ଏମ୍.କ୍ରିଷ୍ଣା ରାଓ, ଲକ୍ଷ୍ମଣ ଶବର ଓ ରଞ୍ଜିତ ମାଝି ସୋମବାର ଅପରାହ୍ନରେ ରାୟଗଡା ରେଳ ଷ୍ଟେଶନ୍‌କୁ ଯାଇଥିଲେ। ସେହି ସମୟରେ ୨ଜଣ ନାବାଳକଙ୍କୁ ଦେଖି ପଚରାଉଚରା କରିଥିଲେ। ବିଜୟୱାଡାର କ୍ରାନ୍ତି ସପ କମ୍ପାନୀକୁ କାମ କରିବା ପାଇଁ ଯାଉଛନ୍ତି ବୋଲି ନାବାଳକ ଦୁଇଜଣ କହିଥିଲେ। ଏହାପରେ ଚାଇଲ୍ଡ ଲାଇନ୍ କର୍ମଚାରୀ ଜିଆର୍‌ପିଏସ୍ ସହାୟତାରେ ଉଭୟଙ୍କୁ ଉଦ୍ଧାର କରିଥିଲେ।

## ■ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାକୁ ବିରୋଧ

# ପୌର କାର୍ଯ୍ୟାଳୟ ଘେରିଲା ଯୁବ ବିକାଶ ପରିଷଦ

**ରାୟଗଡା ଅଫିସ୍, ୧୭।୬**

ରାୟଗଡାର ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ବିରୋଧରେ ସ୍ଥାନୀୟ ଯୁବ ବିକାଶ ପରିଷଦ ସୋମବାର ପୌର କାର୍ଯ୍ୟାଳୟ ଘେରାଉ କରିଛି। ପରିଷଦର କର୍ମୀମାନେ ପୌର କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇ ପ୍ରତିବାଦ କରିଥିଲେ। ପୌର ପରିଷଦ କର୍ତ୍ତୃପକ୍ଷଙ୍କ ଦୁର୍ନୀତିଖୋର ମନୋବୃତ୍ତି ଯୋଗୁ ରାୟଗଡା ସହରରେ ପରିମଳ ବ୍ୟବସ୍ଥା ବିଗିଡିବାରେ ଲାଗିଛି। ସାମାନ୍ୟ ବର୍ଷା ହେଲେ ଡ୍ରେନପାଣି ଘର ଭିତରେ ପଶୁଛି ବୋଲି ସେମାନେ କହିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅବସ୍ଥା ମଧ୍ୟ ସଙ୍ଗିନ। ମାସିକ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ସଫେଇ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁନାହିଁ। ବାରମ୍ବାର ଅଭିଯୋଗ କଲେ ମଧ୍ୟ ପୌର କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନାହାନ୍ତି। ଏହାର ପ୍ରତିବାଦରେ ଯୁବ ବିକାଶ ପରିଷଦ କର୍ମୀମାନେ ପୌର ପରିଷଦ ଘେରାଉ କରିଥିଲେ। ପୌର ନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ଶତପଥୀ ସେଠାରେ ପହଞ୍ଚି ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ନିବେଦନ କରିଥିଲେ। ଏହାପରେ ବିକ୍ଷୋଭକାରୀମାନେ ପୌର କାର୍ଯ୍ୟାଳୟର ସଭାଗୃହରେ ଆଲୋଚନା କରିଥିଲେ। ମଙ୍ଗଳବାରଠାରୁ ସଫେଇ କାର୍ଯ୍ୟ ଠିକ୍ କରାଯିବ। ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡିକ ଦିନକୁ ଦୁଇଥର ସଫା ହେବ। ଏଥିସହ ନିୟମିତ ଡ୍ରେନ ସଫା କରାଯିବ ବୋଲି ଶତପଥୀ ପ୍ରତିଶ୍ରୁତି ଦେଇଥିଲେ। ଯୁବ ବିକାଶ ପରିଷଦ ସଭାପତି ଶିବାଜୀ ଦାଶଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ହୋଇଥିଲା।


ପୌର କାର୍ଯ୍ୟାଳୟ ଆଗରେ ଯୁବ ବିକାଶ ପରିଷଦ ସଦସ୍ୟମାନେ ଧାରଣା ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏଇଁତି ଏତେ,**
**ମୁଦି ନାଇ ଗୋଡ଼ କଚାଡୁ କେତେ,**
**ପିତଳ ଗୁଣାକୁ ନାକ ଟାଉଁ ଟାଉଁ;**
**ସୁନା ଗୁଣା ହେଲେ ହୁଅନ୍ତୁ କେତେ ।**

ଗୋଡ଼ରେ ମୁଦି ନ ଥାଇ ଗୋଡ଼ କଚାଡିହେବା ନିରର୍ଥକ। ସୁନା ବଦଳରେ ସାମାନ୍ୟ ପିତଳ ଗୁଣା ପିନ୍ଧି ଅନ୍ୟ ଆଗରେ ନିଜକୁ ଦେଖେଇ ହେବାରେ ଲାଭ କିଛି ମିଳି ନ ଥାଏ। ନିଃସ୍ୱ ବ୍ୟକ୍ତିଙ୍କ ପକ୍ଷେ ଏପରି ଫୁଲାଣିଆ ଭାବଭଙ୍ଗୀ ଶୋଭାପାଉ ନ ଥିବା ସ୍ଥଳେ ସାମାନ୍ୟ ଅଳଙ୍କାର ଟିକେ ପିନ୍ଧି ଅନ୍ୟ ଆଗରେ ଫୁଲେଇ ହୋଇ ନିଜର ବୃଥା ଆତ୍ମବଡ଼ିମା ଦେଖେଇ ହେଉଥିବା ମହିଳାଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଏକୁଟିଆ ବାହାରା, ମୁଣ୍ଡି ମୁଣ୍ଡି ସାହାଡ଼ା;**
**ଖରାଦିନେ ଦଉ ପତର ଝଡ଼ା,**
**ଆଷାଢ଼ରେ ଧରୁ କଷି,**
**ଅକାଳେ ସକାଳେ ଟିକିଏ କହିଲେ,**
**ଯାଉ ଥାଉ ରୁଷି ରୁଷି ।**

ସବୁବେଳେ ଏକୁଟିଆ। କାହା ସାଙ୍ଗରେ ମିଳାମିଶା ନାହିଁ କି କାହାକୁ ସାହାଯ୍ୟ କରିବାର ମନୋବୃତ୍ତି ନାହିଁ। ଏପରି ବ୍ୟକ୍ତିଙ୍କୁ କିଏ ଟିକିଏ କ'ଣ କହିଦେଲେ ସେଇ କଥାକୁ ଧରି ରୁଷିଯିବା ସେମାନଙ୍କ ଏକ ମନ୍ଦ ପ୍ରକୃତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# କାଚରେ ଭୁସି ଯୁବକଙ୍କୁ ହତ୍ୟା ଉଦ୍ୟମ

**ରାୟଗଡା ଅଫିସ୍, ୧୭।୬-**

ସୋମବାର ରାୟଗଡ଼ାରେ ଜଣେ ଯୁବକଙ୍କୁ କାଚରେ ଭୁସି ହତ୍ୟା ଉଦ୍ୟମ ହୋଇଛି। ସେ ହେଲେ ସ୍ଥାନୀୟ ଫରେଷ୍ଟ କଲୋନୀର ରାଫିଆ ମିଣିଆକା(୩୮)। ସେ ଗୁରୁତର ଥିବାରୁ ତାଙ୍କୁ କୋରାପୁଟସ୍ଥିତ ଲକ୍ଷ୍ମଣନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି।

ସୂଚନାଯୋଗ୍ୟ, ରାଫିଆଙ୍କ କାହା ସହିତ ପୂର୍ବ ଶତ୍ରୁତା ରହିଥିଲା। ସେ ଅପରାହ୍ନ ୫ଟାରେ ସ୍ଥାନୀୟ ରିଙ୍ଗରୋଡରେ ଯାଉଥିବା ବେଳେ ଏକ କାଚ ବୋତଲରେ ତାଙ୍କୁ ଆକ୍ରମଣ କରାଯାଇଥିଲା। ପରେ ଆକ୍ରମଣକାରୀ ସେହି ସ୍ଥାନରୁ ଦୌଡି ପଳାଇଥିଲେ। ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ସେଠାରେ ପହଞ୍ଚି ରାଫିଆଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତାଙ୍କ ପେଟରେ ଗଭୀର ଆଘାତ ଲାଗିଛି। ସେ ଗୁରୁତର ହେବାରୁ କୋରାପୁଟସ୍ଥିତ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ପେଟରେ ଅଧିକ ଆକ୍ରମଣ ହୋଇଛି । ପୋଲିସ ଏହି ଘଟଣାରେ ଜଣକୁ ଅଟକ ରଖି ପଚରା ଉଚୁରା କରୁଛି। ଘଟଣାର ତଦନ୍ତ ଚାଲିଛି ବୋଲି ଏସ୍‌ଡିପିଓ ତପନ ରଥ କହିଛନ୍ତି। ତଦନ୍ତ ପରେ ସବୁ କିଛି ସ୍ପଷ୍ଟ ହେବ। ଆକ୍ରମଣ ସମ୍ପର୍କରେ ପୋଲିସ କିମ୍ବା ରାଫିଆଙ୍କ ପରିବାର ବେଶି କିଛି ତଥ୍ୟ ଦେଇନାହାନ୍ତି।

## କଳାବ୍ୟାଜ୍ ପିନ୍ଧିଲେ ଗୁଣପୁର ଡାକ୍ତର

**ଗୁଣପୁର, ୧୭।୬(ଡି.ଏନ୍.ଏ.)-** ରାୟଗଡା ଜିଲା ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରମାନେ ସୋମବାର କଳାବ୍ୟାଜ ପରିଧାନ କରିଛନ୍ତି। ପଶ୍ଚିମବଙ୍ଗଳାର ଡାକ୍ତରମାନଙ୍କ ଉପରେ ହୋଇଥିବା ଆକ୍ରମଣକୁ ନିନ୍ଦା କରି ଭାରତୀୟ ଡାକ୍ତର ସଂଘ ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରାକୁ ସମର୍ଥନ କରି ସେମାନେ କଳାବ୍ୟାଜ ପିନ୍ଧିଥିଲେ। ଡାକ୍ତରମାନେ କଳାବ୍ୟାଜ ପରିଧାନ କରି ରୋଗୀମାନଙ୍କୁ ଦେଖଉଥିବାରୁ ଏଠାରେ କୌଣସି ସେବା ବ୍ୟାହତ ହୋଇନାହିଁ।

# ଗରିବ ମେଧାବୀଙ୍କୁ ଉଚ୍ଚଶିକ୍ଷା ଦେବ ଜିଆଇଇଟି

**ଗୁଣପୁର, ୧୭।୬(ଡି.ଏନ.ଏ)**

ଯେ କୌଣସି ବର୍ଗର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ଜିଆଇଇଟି ବିଶ୍ୱବିଦ୍ୟାଳୟ ଉଚ୍ଚ ଶିକ୍ଷା ପ୍ରଦାନ କରିବ ବୋଲି ଏହାର ଅଧ୍ୟକ୍ଷ ଡ.ସତ୍ୟପ୍ରକାଶ ପଣ୍ଡା ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ବି.ଟେକ, ବି.ବି.ଏ, ଏମ୍.ବି.ଏ, ଏମ.ସି.ଏ ପଢିବା ପାଇଁ ରାଜ୍ୟ ସରକାର ସ୍କଲାରଶିପ ପ୍ରଦାନ କରୁଛନ୍ତି। ତାହା ସେମାନଙ୍କ ବୈଷୟିକ ଉଚ୍ଚ ଶିକ୍ଷା ପାଇଁ ନିଅଣ୍ଟ। ଉପରୋକ୍ତ ଶିକ୍ଷା ପାଇଁ ସରକାର ପ୍ରଦାନ କରୁଥିବା ଅର୍ଥ ଛଡ଼ା ଅନ୍ୟ ଅର୍ଥ ଜିଆଇଇଟି କର୍ତ୍ତୃପକ୍ଷ ନେବେ ନାହିଁ ବୋଲି ଡ.ପଣ୍ଡା କହିଛନ୍ତି। ଏଥିସହ ଆଦିବାସୀ ଏବଂ ଦଳିତ ପିଲାଙ୍କ ରହିବା ଏବଂ ଖାଇବା ଖର୍ଚ୍ଚ ଯାହା ସରକାର ପ୍ରଦାନ କରୁଛନ୍ତି। ତାହା ମଧ୍ୟ କମ୍। ତେଣୁ ସେହି ପିଲାଙ୍କୁ ମଧ୍ୟ ମେସରେ ରଖି ଖାଇବା ବ୍ୟବସ୍ଥା ଜିଆଇଇଟି କରିବ ବୋଲି କହିଛନ୍ତି। କୌଣସି ଗରିବ ମେଧାବୀ ଆଦିବାସୀ ଏପରିକି ସାଧାରଣ ବର୍ଗର ଗରିବ ପିଲା ମଧ୍ୟ ତାର ଉଚ୍ଚ ଶିକ୍ଷାର ସ୍ୱପ୍ନ ଜିଆଇଇଟି ବିଶ୍ୱବିଦ୍ୟାଳୟରେ ସଫଳ କରିପାରିବେ ବୋଲି ଅଧ୍ୟକ୍ଷ ଡ.ପଣ୍ଡା ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।

# ଗୁଣପୁର ବିଡିଓଙ୍କୁ ରିଲିଭ କଲେ ଜିଲାପାଳ

**ଗୁଣପୁର, ୧୭।୬(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ବ୍ଲକ ବିଡିଓ ଗାୟତ୍ରୀ ଦେବୀଙ୍କୁ ଜିଲାପାଳ ରିଲିଭ୍ କରିଛନ୍ତି। ତାଙ୍କ ସ୍ଥାନରେ ପଦ୍ମପୁର ବିଡିଓ ଅଗସ୍ତି ପ୍ରଧାନ ବିଡିଓ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେ ୨୨ ତାରିଖ ପର୍ଯ୍ୟନ୍ତ ଛୁଟିରେ ଅଛନ୍ତି। ତେଣୁ ବର୍ତ୍ତମାନ ଗୁଣପୁରର ବିଡିଓ ପଦବୀ ଖାଲି ରହିଛି। ଅଗସ୍ତି ପ୍ରଧାନ ୨୩ ତାରିଖରେ ଗୁଣପୁର ବ୍ଲକର ବିଡିଓ ଭାବେ ଅତିରିକ୍ତ କାର୍ଯ୍ୟଭାର ଗ୍ରହଣ କରିବେ।

ଡିସେମ୍ବର ୧୩ରେ ରାଜ୍ୟ ସରକାର ଗାୟତ୍ରୀ ଦେବୀଙ୍କୁ ତାଙ୍କ ନିଜ ଜିଲା ମାଲକାନଗିରି ଡିଆରଡିଏ ବିଭାଗକୁ ଏପିଡି ଭାବେ ବଦଳି କରିଥିଲେ। ହେଲେ ତାହା ନିର୍ବାଚନ ଯୋଗୁ କାର୍ଯ୍ୟକାରୀ ହୋଇପାରିନଥିଲା। ଡିସେମ୍ବର ୭ରେ ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗ ବିଡିଓ ଗାୟତ୍ରୀ ଦେବୀ ଲୋକ ପ୍ରତିନିଧିଙ୍କୁ ଅଣଦେଖା କରିବା ସହ ବ୍ଲକରେ ଉନ୍ନୟନ କାର୍ଯ୍ୟରେ ବାଧା ଦେଇଥିବା କହି ଘେରାଉ କରିଥିଲେ। ଏପରି ଘଟଣାକ୍ରମ ମଧ୍ୟରେ ଗୁଣପୁର ଥାନାରେ ବିଡିଓଙ୍କୁ ଅଶ୍ୱିନୀ ଗମାଙ୍ଗ ଅସଦ୍ ବ୍ୟବହାର କରିଥିବା ବ୍ଲକ ଅଧ୍ୟକ୍ଷ ଏସୋ ଶବର ଅଭିଯୋଗ କରିଥିଲେ। ଅଶ୍ୱିନୀ ଏବଂ ତାଙ୍କ ସମର୍ଥକ ବିଡିଓଙ୍କୁ ଏଠାରୁ ବଦଳି କରିବାକୁ ଉପଜିଲାପାଳଙ୍କ ନିକଟରେ ଦାବି କରିଥିଲେ। ସେତେବେଳେ ଏଠାରୁ ବିଡିଓ ବଦଳି ହେବା ନିଶ୍ଚିତ ହୋଇଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ତାଙ୍କୁ ରାଜ୍ୟ ସରକାର ଏଠାରୁ ପଦୋନ୍ନତି ଦେଇ ବଦଳି କରିଥିଲେ। ବର୍ତ୍ତମାନ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିବାକୁ ଥିବା ବିଡିଓ ଅଗସ୍ତି ପ୍ରଧାନ କିପରି କାର୍ଯ୍ୟ ପରିଚାଳନା କରୁଛନ୍ତି ତାହା ଦେଖିବାକୁ ବାକି ରହିଲା। ଗୁଣପୁର ବ୍ଲକରେ ବିଗତ ଦିନରେ ଲୋକ ପ୍ରତିନିଧି ଏବଂ ବିଡିଓଙ୍କ ମଧ୍ୟରେ ବିବାଦ ଯୋଗୁ ୧୩ ବର୍ଷରେ ୧୪ ଜଣ ବିଡିଓ ଏଠାରୁ ବଦଳି ହୋଇଛନ୍ତି।

## ଗିରିଶୋଲା ଡକାୟତି ଘଟଣାରେ ୨ ଗିରଫ

**ଭଞ୍ଜନଗର, ୧୭।୬ (ଡି.ଏନ.ଏ)**

ବେଲଗୁଣ୍ଠା ଫାଣ୍ଡି ଗିରିଶୋଲାରେ ଗତ ୧୨ ତାରିଖ ରାତିରେ ହୋଇଥିବା ଚୋରି ଘଟଣାରେ ପୋଲିସ ସୋମବାର ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଜଗନ୍ନାଥ ନାଇକ ଓ ବିଶ୍ୱନାଥ ଗୌଡ଼। ଅଭିଯୁକ୍ତଙ୍କଠାରୁ ୮ ହଜାର ଟଙ୍କା ଜବତ କରାଯାଇଛି। ପଞ୍ଚାନନ ଡାକୁଆ ଓ ତାଙ୍କ ପରିବାର ଲୋକେ ଗତ ୧୨ ତାରିଖରେ ଗରମ ଯୋଗୁ ଦାଣ୍ଡ ଘରେ ଶୋଇଥିଲେ । ଏହି ସମୟରେ ଅଭିଯୁକ୍ତଦ୍ୱୟ ବାରିପଟ କବାଟ ଭାଙ୍ଗି ଘରେ ଭିତରେ ପଶି ୧୦ ହଜାର ଟଙ୍କା, ସୁନା ଅଳଙ୍କାର, ମୋବାଇଲ ଫୋନ ଲୁଟି ନେଇଥିଲେ। ପଞ୍ଚାନନଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୧୮୪।୧୯ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା। ଲୁଟ ମୋବାଇଲ ଫୋନକୁ ଟ୍ରାକିଂ କରି ପୋଲିସ ଅଭିଯୁକ୍ତଙ୍କ ପାଖରେ ପହଞ୍ଚିଥିଲା।

## ■ ବିଦ୍ୟୁତ୍ ତାର ଲାଗି ମୃତାହତ ଘଟଣା

# ମୃତକ ବିଦ୍ୟୁତ କର୍ମଚାରୀ ନୁହନ୍ତି, ସାଧାରଣ ଲୋକ

**ଚନ୍ଦ୍ରପୁର, ୧୭।୬(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଗେରେଙ୍ଗାଗୁଡ଼ା ଗ୍ରାମରେ ରବିବାର ଇଲେକ୍ଟ୍ରି ଖୁଣ୍ଟରେ ଚଢି କାମ କରୁଥିବା ବେଳେ ଜଣେ ଯୁବକ ପ୍ରାଣ ହରାଇଥିବା ବେଳେ ୫ଜଣ ଆହତ ହୋଇଥିଲା। ସେ ବିଦ୍ୟୁତ୍ ବିଭାଗ କର୍ମଚାରୀ ନୁହେଁ ବରଂ ଗ୍ରାମବାସୀ ଥିଲେ। ତେଣୁ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିକରି ସୋମବାର ଗେରେଙ୍ଗାଗୁଡ଼ା ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ନେତା ଲୋକପ୍ରତିନିଧି ମୃତକଙ୍କ ପରିବାର ଓ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ପ୍ରକାଶଯେ, ଗେରେଙ୍ଗାଗୁଡ଼ା ଗ୍ରାମରେ ଦୁଇ ଦିନ ଧରି ବିଦ୍ୟୁତ୍ ସେବା ନ ଥିବାରୁ ଗ୍ରାମବାସୀ ଅଭିଯୋଗ କରିଥିଲେ। ଏଥିପ୍ରତି କେହି କର୍ଣ୍ଣପାତ କରୁ ନ ଥିବାରୁ ଗାଁର ଆନ୍ତନି ବିଭାର(୨୦) ଖୁଣ୍ଟରେ ଚଢି ମରାମତି କରୁଥିଲେ। କିନ୍ତୁ ହଠାତ୍ ବିଦ୍ୟୁତ୍ ଚାର୍ଜ ହୋଇଯିବାରୁ ଆନ୍ତନି ପ୍ରାଣ ହରାଇ ଥିଲେ। ଏଥିରେ ଅନ୍ୟ୫ଜଣ ଗୁରୁତର ହୋଇଥିଲେ। ଗୁରୁତରଙ୍କୁ ଚିକିତ୍ସା ପାଇଁ ରାୟଗଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସୋମବାର ୨ଜଣ ଫେରିଥିବାବେଳେ ଅନ୍ୟ ୩ଜଣଙ୍କ ଏବେବି ଚିକିତ୍ସା ଚାଲିଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିକରି ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ଖବର ପାଇ ମୁନିଗୁଡ଼ା ଏସ୍‌ଡିପିଓ ଚନ୍ଦ୍ରଶେଖର ହୋତା, ବ୍ଲକ ବିଜେଡ଼ି ସଭାପତି ପ୍ରମୋଦ ସାହୁକାର, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ତଲୱାର ଜେନା, ଚନ୍ଦ୍ରପୁର ସରପଞ୍ଚ ସୁଜିତ ବେଦ୍ରେକା ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ରାସ୍ତାରୋକୋ ହଟିଥିଲା।

### କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକୋ


ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି।

# ସର୍ବଭାରତୀୟ ଆନ୍ଦୋଳନରେ ସାମିଲ ହେଲେ ମାଲକାନଗିରି ଡାକ୍ତର ସଂଘ

ମାଲକାନଗିରି, ୧୭।୬(ଡି.ଏନ୍.ଏ.)

ପଶ୍ଚିମବଙ୍ଗରେ କାର୍ଯ୍ୟରତ ଜଣେ ଡାକ୍ତରଙ୍କୁ କେତେକ ବ୍ୟକ୍ତି ମରଣାତ୍ମକ ଆକ୍ରମଣ କରିବା ଘଟଣା ନେଇ ସାରା ଦେଶରେ ସୋମବାର ଡାକ୍ତରମାନେ ପ୍ରତିବାଦ କରି ଆନ୍ଦୋଳନ କରିଛନ୍ତି। ଓଡିଶାରେ ମାଲକାନଗିରି ଜିଲା ଡାକ୍ତର ସଂଘ ଏଥିରେ ସାମିଲ ହୋଇଛନ୍ତି। ସଦର ମହକୁମାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ସଭାପତି ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଚାଲିଥିବା ଆନ୍ଦୋଳନରେ ସମସ୍ତ ଡାକ୍ତରମାନେ ସାମିଲ ହୋଇଥିଲେ। ସର୍ବ ଭାରତୀୟ ସ୍ତରରେ ଭାରତୀୟ ଡାକ୍ତର ସଂଘ ନିର୍ଦ୍ଦେଶକ୍ରମେ ସଂଘର ୫ ଲକ୍ଷ ଡାକ୍ତର ଏବେ ରାଜରାସ୍ତାକୁ ଓହ୍ଲାଇଛନ୍ତି। କର୍ତ୍ତବ୍ୟରତ ଡାକ୍ତରମାନଙ୍କ ପ୍ରତି ଆକ୍ରମଣକୁ ଦୃଢ ନିନ୍ଦା କରିବା ସହ ଏଭଳି ବର୍ବରତା ବନ୍ଦ କରିବାକୁ ଏବଂ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଡାକ୍ତରମାନେ ଦାବି କରିଛନ୍ତି। ପାର୍ଲାମେଣ୍ଟରେ ଏନେଇ ସ୍ୱତନ୍ତ୍ର ନିୟମ କରି ଡାକ୍ତରଙ୍କୁ ଆକ୍ରମଣ କଲେ ୭ ବର୍ଷ ଜେଲଦଣ୍ଡ ବ୍ୟବସ୍ଥା କରିବା ଲାଗି ସଂଘ ପକ୍ଷରୁ ଦାବି କରାଯାଇଛି। ଏହି ଆନ୍ଦୋଳନରେ ଡା. ଅନିଲ ମିଶ୍ର, ଡା. ସପନ କୁମାର ଡିଣ୍ଡାଙ୍କ ସହ ଜିଲାର ସମସ୍ତ ଡାକ୍ତର ଖାନାର ଡାକ୍ତରମାନେ ସାମିଲ ହୋଇଥିଲେ। ଡାକ୍ତରଙ୍କ ଏହି ଆନ୍ଦୋଳନ ଯୋଗୁ ଜିଲାରେ ରୋଗୀ ସେବା ବାଧାପ୍ରାପ୍ତ ହୋଇଥିଲା।




## ■ ଅଧାରୁ ପାଠ ଛାଡିଥିଲେ

# ପୋଷାକ ତିଆରି କଲା ସ୍ୱାବଲମ୍ବୀ



ନିଜ ଦୋକାନରେ ଗୌତମ।

ଚିତ୍ରକୋଣ୍ଡା, ୧୭।୬(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଗୁଣ୍ଟାୱାଡା ପଞ୍ଚାୟତର ଆରଏସସି–୧୫ ନଂ. ଗ୍ରାମର ଲବ ପାଙ୍ଗି (୨୨)। ଡାକନାମ ଗୌତମ। ପିଲାବେଳୁ ପାଠପଢା ପ୍ରତି ଥିଲେ ଅମନଯୋଗୀ। ଏନେଇ ଗୌତମଙ୍କ ପାଇଁ ପରିବାର ଲୋକେ ଚିନ୍ତାରେ ଥିଲେ। ପ୍ରଥମେ ମାତ୍ର ୮ମ ଶ୍ରେଣୀଯାଏ ପାଠ ପଢିଥିବା ହରି ପାଙ୍ଗିଙ୍କ ପୁଅ ଗୌତମ ଏବେ ଜଣେ ଜଣାଶୁଣା ସିଲେଇ କାରିଗର। ୮ମଶ୍ରେଣୀରୁ ପାଠ ଛାଡି ସେ ଚିତ୍ରକୋଣ୍ଡାସ୍ଥିତ ନୀଳକଣ୍ଠ ପାଳଙ୍କ ପୋଷାକ ତିଆରି କେନ୍ଦ୍ରରେ ପୋଷାକ ତିଆରି ଶିଖିବାକୁ ତାଙ୍କୁ ଅନୁରୋଧ କରି ସେଠାରେ ୨ ବର୍ଷ କାଳ ସମସ୍ତ ପ୍ରକାର ପୋଷାକ ସିଲାଇ ଶିଖିଥିଲେ। ପରେ ପୁଣି ଥରେ ପାଠ ପଢିବାକୁ ମନ ବଳାଇ ଗାଁ ସ୍କୁଲରେ ୮ମ ଶ୍ରେଣୀରେ ନାମ ଲେଖାଇଥିଲେ। ଏବେ ସେ ବାଲିମେଳା ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟରେ +୨ କଳା ଦ୍ୱିତୀୟ ବର୍ଷରେ ଅଧ୍ୟୟନ କରୁଛନ୍ତି। ଗୌତମ ପାଠ ପଢିବା ସହ ଅବସର ସମୟରେ କିଛିକିଛି ପୋଷାକ ତିଆରି କରୁଥିଲେ। ଏହା ତାଙ୍କୁ ନିଜସ୍ୱ ପରିଚୟ ଦେଇଥିଲା। ସମୟକ୍ରମେ ସେ ନିଜ ଗାଁ ଆରଏସସି–୧୫ରେ ଏକ ପୋଷାକ ସିଲେଇ କେନ୍ଦ୍ର ଖୋଲିଛନ୍ତି। ୨ଜଣ ପିଲା ରଖି କାମ କରୁଛନ୍ତି। ୨ କାରିଗରଙ୍କୁ ମାସକୁ ମାସ କଥା ମୁତାବକ ଅର୍ଥ ଦେବା ସହ ସେ ମାସକୁ ୧୫ ହଜାର ଟଙ୍କା ରୋଜଗାର କରୁଛନ୍ତି। ଦୋକାନ ପାଇଁ ଆବଶ୍ୟକ ସାମଗ୍ରୀ କିଣିବା ସହ ଗୌତମ କିଛି ଅର୍ଥ ମଧ୍ୟ ସଞ୍ଚୟ କରୁଛନ୍ତି। ଆମ ଅଞ୍ଚଳରେ ସିଲେଇ କେନ୍ଦ୍ର ନ ଥିବାରୁ ସିଲେଇ ପୋଷାକ ପିନ୍ଧିବାରୁ ଲୋକେ ବଞ୍ଚିତ ହେଉଥିଲେ। କେବଳ ଦୋକାନରୁ କିଣା ପୋଷାକ ପିନ୍ଧୁଥିଲେ। ଏବେ ଲୋକଙ୍କ ସେ ଅଭାବ ଦୂର ହୋଇଛି। ସେମାନେ ମନ ମୁତାବକ ପୋଷାକ ତିଆରି କରି ପିନ୍ଧିପାରୁଛନ୍ତି। ଲୋକଙ୍କ ଖୁସି ମୋତେ ସନ୍ତୁଷ୍ଟ କରିଛି ବୋଲି କହନ୍ତି ଗୌତମ।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ରାୟଗଡା, ମଙ୍ଗଳବାର, ୧୮ ଜୁନ୍, ୨୦୧୯



## ସଂକ୍ଷେପରେ

### କାର୍ ଧକ୍କାରେ ନାବାଳିକାଙ୍କ ମୃତ୍ୟୁ



ପାରଳାଖେମୁଣ୍ଡି, ୧୭।୬ (ସ୍ୱ.ପ୍ର.) - ଗଜପତି ଜିଲା ଗାରାବନ୍ଧ ଥାନା ଅନ୍ତର୍ଗତ ପିଲୁରୁ ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ୫ ବର୍ଷର ନାବାଳିକାଙ୍କ ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ ଯେ, ଉତ୍ତରପ୍ରଦେଶର ପୋଲିଆସପୁର ବାସିନ୍ଦା ଉତ୍କର୍ଷ ରାଜପୁତ୍ ନିଜ ହୁଣ୍ଡାଇ ଇଓନ୍ କାର୍ ନଂ-(ଓଡିଶାଏନ୍-୩୭୨୫) ଭଡ଼ାରେ ନେଇ ପାରଳାଖେମୁଣ୍ଡି ଆସିଥିଲେ । ସେଠାରେ କାମ ସାରି ରବିବାର ସନ୍ଧ୍ୟାରେ ପୁଣି ଭୁବନେଶ୍ୱର ଫେରିବା ସମୟରେ ଗାରାବନ୍ଧ ଥାନା ଅନ୍ତର୍ଗତ ପିଲୁରୁ ଗ୍ରାମ ମୁଖ୍ୟ ରାସ୍ତା କଡ଼ରେ ରହୁଥିବା ସୁରିଆ ଶବରଙ୍କ ୫ବର୍ଷର ଝିଅଙ୍କୁ ଧକ୍କା ଦେଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଗାରାବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା । ଏ ସମ୍ପର୍କରେ ଗାରାବନ୍ଧ ଥାନା ପୋଲିସ ତଦନ୍ତ କରି ଗାଡିଚାଳକ ଉତ୍କର୍ଷଙ୍କୁ ଗିରଫ କରିବା ସହ ଦୁର୍ଘଟଣା ଘଟାଇଥିବା କାର୍ ଜବତ କରିଛି। ଉତ୍କର୍ଷ କାର୍‌ଟିକୁ ଅନ୍ୟଜଣେ ବ୍ୟକ୍ତିଙ୍କ ନିକଟରୁ କିଣିଥିବାବେଳେ ମାଲିକାନା ପରିବର୍ତ୍ତନ ହୋଇନଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ମୃତା ନାବାଳିକାଙ୍କ ପରିବାରକୁ ରେଡ୍‌କ୍ରସ୍ ପକ୍ଷରୁ ୨୦ହଜାର ଟଙ୍କା ସହାୟତା ରାଶି ଓ ଗାଡି ଚାଳକଙ୍କ ପକ୍ଷରୁ ୨ଲକ୍ଷ ଟଙ୍କା ସହାୟତା ରାଶି ଦିଆଯାଇଥିବା ଜଣାପଡିଛି । ଏ ସମ୍ପର୍କରେ ଗାରାବନ୍ଧ ଥାନାରେ ୪୮/୧୯ରେ ମାମଲା ରୁଜୁକରି ଗାଡିଚାଳକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଏସ୍.ଆଇ. ସୁଶାନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି। ତେବେ ସୋମବାର ନାବାଳିକାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି । ନାବାଳିକାଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ବିପଦପୂର୍ଣ୍ଣ ଯାତ୍ରୀ ପରିବହନ, ପ୍ରଶାସନ ନୀରବଦ୍ରଷ୍ଟା

ଜେକେପୁର, ୧୭।୬(ଡି.ଏନ୍.ଏ.)- ରାୟଗଡ଼ା ଜିଲାରେ ବିପଦସଙ୍କୁଳ ଅବସ୍ଥାରେ ଯାତ୍ରୀ ପରିବହନ ହେଉଥିଲେ ମଧ ଏଥିପ୍ରତି ପ୍ରଶାସନ ଓ ପରିବହନ ବିଭାଗ ନୀରବଦ୍ରଷ୍ଟା ସାଜିଛି। ଖାସ୍ କରି ଜିଲା ସଦର ମହକୁମାକୁ ସ୍ଥାନୀୟ ଥେରୁବାଲି,ଜେକେପୁର, କୋଲନରା, ପିତାମହଲ ଓ ଗୁମ୍ମା ଅଞ୍ଚଳରୁ ବେଆଇନଭାବେ ଅଟୋରିକ୍ସା, ମ୍ୟାକ୍ସ ପିକଉଅପ୍ ମାଲବାହୀ ଗାଡ଼ିରେ ମଧ ଯାତ୍ରୀ ପରିବହନ ହେଉଛି। ଅଟୋରିକ୍ସାରେ ବିପଦପୂର୍ଣ୍ଣଭାବେ ୧୫ରୁ ୨୦ ଜଣ ଯାତ୍ରୀ ଯାଉଛନ୍ତି। ଏପରିକି ଡ୍ରାଇଭର ସିଟ୍‌ରେ ୪ଜଣ ବସୁଛନ୍ତି। ପରିବହନ ଓ ପୋଲିସ ଦେଖି ନ ଦେଖିଲାଭଳି ଚୁପ୍ ବସୁଥିବା ଅଭିଯୋଗ ହୋଇଛି।

### ମେରିଙ୍ଗିରେ ମାଙ୍ଗେଇ ଗମାଙ୍ଗଙ୍କ ଜୟନ୍ତୀ

ଗୁଣପୁର, ୧୭।୬ (ଡି.ଏନ୍.ଏ.)
ରାୟଗଡା ଜିଲା ଗୁଣପୁର ବ୍ଲକର ମେରିଙ୍ଗି ଗ୍ରାମରେ ସୌରା ପଣ୍ଡିତ ମାଙ୍ଗେଇ ଗମାଙ୍ଗଙ୍କ ଜୟନ୍ତୀ ରବିବାର ପାଳିତ ହୋଇଛି। ଏଥିଲାଗି ଗ୍ରାମରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହେବା ସହ ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ସଉରା ଭାଷା ଏବଂ ଲିପି ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ବକ୍ତାମାନେ କହିଥିଲେ। ମଧୁସୂଦନ ଶବର, କୁଶ ଶବର, ଶୁକୁ ଶବର, କେଶନ ଶବର, ପେଗ ଶବର ଏବଂ ତ୍ରିପତି ଗମାଙ୍ଗ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।



# ଡ୍ରେନ୍ ପାଣି ଘେରରେ ବିତୁଛି ଜୀବନ

ଗୁମ୍ମା, ୧୭।୬

ଗୁମ୍ମା ଖ୍ରୀଷ୍ଟିଆନ୍ ସାହିର ଉପର ଚର୍ଚ୍ଚ ନିକଟରେ ଥିବା ଡ୍ରେନ୍‌ଟି ବହୁଦିନ ଧରି ଆବର୍ଜନାରେ ପରିପୂର୍ଣ୍ଣ ହୋଇ ରହିଛି। ବ୍ଲକ୍ କାର୍ଯ୍ୟାଳୟଠାରୁ ମାତ୍ର ୪ଶହ ମିଟର ଦୂରରେ ଏହି ଡ୍ରେନ୍ ରହିଥିଲେ ସୁଦ୍ଧା ପ୍ରଶାସନର ଦୃଷ୍ଟି ପଡୁନାହିଁ। ଏହି ଡ୍ରେନ୍ ପାର୍ଶ୍ୱରେ ଏକ ନଳକୂପ ରହିଛି। ନଳକୂପର ପାଣି ମଧ ଡ୍ରେନରେ ପଶୁଛି। ଡ୍ରେନ୍‌ରେ ଆବର୍ଜନା ଯୋଗୁ ମଶା, ମାଛି ବୃଦ୍ଧି ପାଉଛି। ସରୀସୃପଙ୍କ ଭୟ ମଧ ରହିଛି। ବର୍ଷା ହେଲେ ଡ୍ରେନ୍‌ର ମଇଳା ପାଣି ଘର ଭିତରେ ପଶୁଛି । ଏଭଳି ପରିବେଶରେ ଛୋଟ ଛୋଟ ପିଲାଙ୍କୁ ନେଇ ଶତାଧିକ ପରିବାର ଚଳୁଛନ୍ତି। ଦୂଷିତ ପାଣି ବ୍ୟବହାର କରି ଅନେକ ରୋଗର ଶିକାର ହେଉଛନ୍ତି । ଏନେଇ ଅନେକ ଥର ପ୍ରଶାସନକୁ ଜଣାଇଥିଲେ ମଧ ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଏନେଇ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ତୁରନ୍ତ ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହେଉଛି।



ଅସ୍ୱାସ୍ଥ୍ୟକର ପରିବେଶରେ ନଳକୂପର ପାଣି ପିଇବାକୁ ନେଉଛନ୍ତି ।

# ଆର୍.ଉଦୟଗିରିରେ ଦେବସ୍ନାନ ଉତ୍ସବ



ସ୍ନାନ ବେଦିରେ ଶ୍ରୀଜୀଉ ।

ଆର୍.ଉଦୟଗିରି, ୧୭।୬ (ସ୍ୱ.ପ୍ର.)

ଗଜପତି ଜିଲ୍ଲା ଆର୍. ଉଦୟଗିରିରେ ବ୍ଲକ୍‌ର ଆର୍.ଉଦୟଗିରି ଓ ରାମଗିରି ଠାରେ ସୋମବାର ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି । ସକାଳେ ତିନି ଠାକୁରଙ୍କ ରୀତିନିତି ଅନୁଯାୟୀ ଭୋଗରାଗ ପରେ ଶ୍ରୀ ଜୀଉଙ୍କୁ ସ୍ନାନ ମଣ୍ଡପକୁ ବିଜେ କରାଯାଇଥିଲା । ସ୍ନାନ ମଣ୍ଡପରେ ପୂଜା ରୀତିନୀତି ପରେ ୧୦୮ କଳସରେ ଠାକୁରଙ୍କୁ ସ୍ନାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ସ୍ନାନ ପରେ ଶ୍ରୀ ଜିଉଙ୍କୁ ଅଣସର ଘରକୁ ନିଆଯାଇଥିଲା । କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଓ ଭକ୍ତ ଯୋଗଦେଇଥିବାବେଳେ ମୁଖ୍ୟ ପୁରୋହିତ ଗୌର ମିଶ୍ର, ନିତାଇ ମିଶ୍ର ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ ।

# ଦୁର୍ଘଟଣାରେ ଛାତ୍ରଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ, ୧୭।୬

ଟ୍ରକ୍ ଧକ୍କାରେ ଗୁରୁତର ଆହତ ଥିବା ଜଣେ ଛାତ୍ରଙ୍କର ଏମ୍‌କେସିଜି ମେଡିକାଲରେ ସୋମବାର ମୃତ୍ୟୁ ଘଟିଛି । ତାଙ୍କ ନାମ ରୋଶନ ବୈଠାରୁ (୧୮)। ଘର ଗଞ୍ଜାମ ବୋଲି ମେଡିକାଲ ଫାଣ୍ଡି ପୋଲିସ କହିଛି। ମୃତଦେହ ଜବତ କରି ପୋଲିସ ନଂ. ୩୧୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୋମବାର ରୋଶନ କୌଣସି କାମରେ ରମ୍ଭା ଯାଇ ସେଠାରୁ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଏକ ଟ୍ରକ୍ ଧକ୍କାରେ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଗଞ୍ଜାମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ୫ମ ଦିନରେ ବସ୍ କର୍ମଚାରୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ



କାର୍ଯ୍ୟବନ୍ଦ ଆନ୍ଦୋଳନରେ ବସ କର୍ମଚାରୀମାନେ ।

ପାରଳାଖେମୁଣ୍ଡି, ୧୭।୬ (ସ୍ୱ.ପ୍ର.)

ଗଜପତି ଜିଲାରେ ଚାଲୁଥିବା ବିଜୁ ଗାଁଗାଡିର ସମସ୍ତ କର୍ମଚାରୀ ନିଜର ବକେୟା ଦରମା ଦୀର୍ଘ ମାସ ଧରି ପାଇ ନ ଥିବାରୁ କରିଥିବା କାର୍ଯ୍ୟ ବନ୍ଦ ଆନ୍ଦୋଳନ ୫ମ ଦିନରେ ପହଞ୍ଚିଛି । ଗଜପତି ଜିଲା ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳକୁ ଲୋକମାନେ ସୁବିଧାରେ ଯାତାୟାତ କରିପାରବା ନେଇ ବିଜୁ ଗାଁଗାଡି ଯୋଜନାରେ ୭ଟି ବସ୍ ଚଳାଚଳ ଆରମ୍ଭ ହୋଇଥିଲା । ତେବେ ସେଥିରୁ ୬ଟି ବସ୍ ଜିଲାର ବିଭିନ୍ନ ଦୁର୍ଗମ ଅଞ୍ଚଳକୁ ଯାତାୟାତ କରୁଥିବାବେଳେ ଅନ୍ୟ ଗୋଟିଏ ବସ୍ କୌଣସି କାରଣରୁ ଚଳାଚଳ କରୁନାହିଁ। ଏହି ସବୁ ଗାଡିଗୁଡିକ ପାରଳାଖେମୁଣ୍ଡିରୁ ମୋହନା, ଅଡବା, ପାଣିଗଣ୍ଡା, କାଟାମା, ଗୁମ୍ମା, ସେରଙ୍ଗ, ନୂଆଗଡ ଆଦି ଅଞ୍ଚଳକୁ ଚାଲୁଥିଲା । ଲୋକମାନେ ମଧ ଏହି ବସ୍ ଦ୍ୱାରା ଉପକୃତ ହେଉଥିଲେ । ବର୍ତ୍ତମାନ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ଜିଲାର ଏହି ସବୁ ଅଞ୍ଚଳକୁ ଗମନାଗମନ ସମସ୍ୟା ଦେଖାଦେଇଛି । କର୍ମଚାରୀଙ୍କୁ ଦୀର୍ଘ ୫ମାସରୁ ଊର୍ଦ୍ଧ୍ୱ ସମୟ ହେଲା ଦରମା ପ୍ରଦାନ କରାଯାଇନାହିଁ। ଫଳରେ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ତୁରନ୍ତ ବକେୟା ଦରମା ପ୍ରଦାନ ଲାଗି କର୍ମଚାରୀ ଦାବି କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି କହିଛନ୍ତି। ମଙ୍ଗଳବାର କର୍ମଚାରୀମାନେ ଜିଲାପାଳଙ୍କୁ ଭେଟି ସେମାନଙ୍କ ସମସ୍ୟା ଜଣାଇବେ ବୋଲି କହିଛନ୍ତି। ତେବେ ୫ଦିନ ଧରି କର୍ମଚାରୀ ଆନ୍ଦୋଳନ ଚଳାଇଥିଲେ ମଧ ଜିଲା ପ୍ରଶାସନ ତରଫରୁ ସମସ୍ୟାର ସମାଧାନ ଦିଗରେ କୌଣସି ଅଧିକାରୀ ପହଞ୍ଚିନାହାନ୍ତି ବୋଲି କର୍ମଚାରୀ ସନ୍ତୋଷ କୁମାର ସାହୁ, ଆର୍.କେ. ମିଶ୍ର, ବଳରାମ ଜେନା, ସଞ୍ଜୟ କୁମାର ନାହାକ, ଏ.କେ. ପଣ୍ଡା, ବୁନୁ ଜେନା ପ୍ରମୁଖ ପ୍ରକାଶ କରିଛନ୍ତି।

## ବିଦ୍ୟୁତ୍ ଆଘାତରେ ହୋଟେଲ ମାଲିକଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ, ୧୭।୬:

ବିଦ୍ୟୁତ୍ ଆଘାତରେ ଜଣେ ହୋଟେଲ ମାଲିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାତକୁଟଣି ଗ୍ରାମର ବାବୁଲା ସାହୁ (୪୨)। ସଦର ଥାନା ପୋଲିସ ସୋମବାର ମୃତଦେହ ଜବତ କରି ନଂ. ୨୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ପ୍ରକାଶ ଯେ, ବାବୁଲା ଗାଁରେ ଏକ ହୋଟେଲ କରିଛନ୍ତି । ରବିବାର ରାତିରେ ଦୋକାନ ବନ୍ଦ କରିବା ବେଳେ ବାହାରପଟେ ଲାଗିଥିବା ଏକ ବଲ୍‌ବ ପ୍ଲଗରୁ ବାହାର କରୁଥିଲେ। ପ୍ଲଗରୁ ବାହାରିଥିବା ଏକ ତାର ତାଙ୍କ ଦେହରେ ଲାଗିଯିବାରୁ ସେ ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କହିଥିଲେ।

## ଛାତ୍ରୀଙ୍କ ବେକରୁ ସୁନାହାର ଝାମ୍ପିନେଲେ

ବ୍ରହ୍ମପୁର ଅଫିସ, ୧୭।୬:

ସହରରେ ଏବେ ଛାତ୍ରୀମାନଙ୍କୁ ଟାର୍ଗେଟ କରି ଲୁଟେରା ଦଳ ସେମାନଙ୍କଠାରୁ ସୁନାହାର ଝାମ୍ପିବାରେ ଲାଗିଛନ୍ତି । ସୋମବାର ଅପରାହ୍ନ ୩ଟା ବେଳେ ସହରର ଜନଗହଳିପୂର୍ଣ୍ଣ ପୂର୍ଣ୍ଣ ସ୍ଥାନ ଖଲ୍ଲିକୋଟ କଲେଜ ଛକରେ ଦୁର୍ବୃତ୍ତମାନେ ଜଣେ ଛାତ୍ରୀଙ୍କ ବେକରୁ ସୁନାହାର ଝାମ୍ପି ନେଇଛନ୍ତି । ଫାଷ୍ଟଗେଟ୍ ଗଣପତି ନଗରର କରିସ୍ମା ସାବତ ସ୍କୁଟିରେ କଲେଜ ରାସ୍ତା ଦେଇ କୋଚିଂ ସେଣ୍ଟରକୁ ଯାଉଥିବା ବେଳେ ଏକ ଗାଡ଼ିରେ ଦୁଇଜଣ ଦୁର୍ବୃତ୍ତ ତାଙ୍କ ଗାଡ଼ିକୁ ଧକ୍କା ଦେଇଥିଲେ। ଛାତ୍ରୀ ଜଣକ ଭାରସାମ୍ୟ ହରାଇବା ବେଳେ ଦୁର୍ବୃତ୍ତମାନେ ତାଙ୍କ ବେକରୁ ହାର ଝାମ୍ପି ନେଇଛନ୍ତି । ଛାତ୍ରୀଙ୍କ ଅଭିଯୋଗକ୍ରମେ ନଂ. ୧୨୬/୧୯ରେ ଏକ ମାମଲା ରୁଜୁ ହୋଇଥିବା ଟାଉନ ଥାନାଧିକାରୀ ସନ୍ତୋଷିନୀ ଓରାମ ସୂଚନା ଦେଇଛନ୍ତି । ପୋଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଧରିବାକୁ ତଦନ୍ତ ଚଳାଇଛି ବୋଲି ଥାନାଧିକାରୀ କହିଛନ୍ତି ।

# ଗଜ ବେଶରେ ଦର୍ଶନ ଦେଲେ ୩ ଠାକୁର



ସ୍ନାନମଣ୍ଡପରେ ଶ୍ରୀଜୀଉ ।

ପାରଳାଖେମୁଣ୍ଡି, ୧୭।୬ (ସ୍ୱ.ପ୍ର.)

ପାରଳାଖେମୁଣ୍ଡିରେ ତିନି ଠାକୁରଙ୍କ ସ୍ନାନଯାତ୍ରା ସୋମବାର ଅନୁଷ୍ଠିତ ହୋଇଛି। ପରମ୍ପରା ଅନୁଯାୟୀ ଦେବସ୍ନାନ ପୂର୍ଣ୍ଣିମାରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ସକାଳେ ସ୍ନାନ ମଣ୍ଡପକୁ ବିଜେ କରାଯାଇଥିଲା । ସେଠାରେ ନୀତି ଅନୁଯାୟୀ ସମସ୍ତ ପୂଜା ପରେ ପାରଳାଖେମୁଣ୍ଡି ରାଜପରିବାର ପକ୍ଷରୁ ପ୍ରଥମେ ୧୦୮ ପଇଡ଼ରେ ତିନି ଠାକୁରଙ୍କୁ ସ୍ନାନ କରାଯାଇଥିଲା । ସନ୍ଧ୍ୟାରେ ମହାପ୍ରଭୁ ହାତୀ ବେଶରେ ଦର୍ଶନ ଦେଇଥିଲେ। ମଧ୍ୟରାତ୍ରି ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ବିଭିନ୍ନ ନୀତି ହେବ। ପରେ ଠାକୁର ଅଣସର ଘରକୁ ବିଜେ କରିବେ ବୋଲି ରଥଯାତ୍ରା କମିଟି ପକ୍ଷରୁ କୁହାଯାଇଛି। ଠାକୁରଙ୍କୁ ଦର୍ଶନ ପାଇଁ ପାରଳାଖେମୁଣ୍ଡି ସହର ସମେତ ସୀମାନ୍ତବର୍ତ୍ତୀ ଆନ୍ଧ୍ର ପ୍ରଦେଶରୁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା।

■ ଗ୍ଲୋବାଲ ୱାର୍ମିଂକୁ ନେଇ ସଚେତନତା କାର୍ଯ୍ୟକ୍ରମ

# କମୁଛି ଭୂତଳ ଜଳସ୍ତର

ପାରଳାଖେମୁଣ୍ଡି, ୧୭।୬ (ସ୍ୱ.ପ୍ର.)

ଗ୍ଲୋବାଲ ୱାର୍ମିଂକୁ ନେଇ ବନବିଭାଗ ପକ୍ଷରୁ ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଫରେଷ୍ଟ ଗେଟ୍‌ଠାରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସୋମବାର ହୋଇଥିବା ଏହି ସଚେତନତା କାର୍ଯ୍ୟକ୍ରମରେ ଦେବଗିରି ବନାଞ୍ଚଳ ରେଞ୍ଜର ଏମ୍.ନରସିଂହମ୍, ବନପାଳ ପୂର୍ଣ୍ଣଚନ୍ଦ୍ର ଗୌଡ, ବନରକ୍ଷୀ ସନ୍ତୋଷ କୁମାର ସାହୁ, ଗଙ୍ଗାଧର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ପୃଥିବୀର ଉତ୍ତାପ ଦିନକୁ ଦିନ ବଢିବା ଯୋଗୁ ଭୂତଳ ଜଳସ୍ତର ତଳକୁ ଚାଲିଯାଉଛି । ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ନେଉଛି । ଏଥିପ୍ରତି ଅତିଥିମାନେ ଗୁରୁତ୍ୱାରୋପ କରି ଜଙ୍ଗଲରେ ନିଆଁ ନ ଲଗାଇବା, ବନ୍ୟଜନ୍ତୁଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବା ନେଇ ମତ ଦେଇଥିଲେ। ମୁଖ୍ୟତଃ ଜଙ୍ଗଲ ସୁରକ୍ଷିତ ରହିପାରିଲେ ହିଁ ପଶୁପକ୍ଷୀମାନେ ସୁରକ୍ଷିତ ରହିପାରିବେ ବୋଲି ଏହି କାର୍ଯ୍ୟକ୍ରମରେ ସଚେତନ କରାଯାଇ ଜଙ୍ଗଲ ଓ ସବୁଜିମା ଯେତେ ବୃଦ୍ଧିପାଇବ ପୃଥିବୀର ଉତ୍ତାପ ସେତିକି କମିବ ଏବଂ ଜଳସ୍ତର ମଧ ଠିକ୍ ରହିବ ବୋଲି କୁହାଯାଇଥିଲା। ଏହି ଶୋଭାଯାତ୍ରା ଫରେଷ୍ଟ ଗେଟଠାରୁ ବାହାରି ସହର ପରିକ୍ରମାକରି ରାଜଦାଣ୍ଡ ଠାରେ ପହଞ୍ଚିଥିଲା । ଏଥିରେ ବନକର୍ମଚାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।




ବନ ବିଭାଗ ଓ କର୍ମଚାରୀମାନେ ସଚେତନ ଶୋଭାଯାତ୍ରାରେ ବାହାରିଛନ୍ତି ।

■ ଛତୁଚାଷ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ

# କଠିନ ପରିଶ୍ରମ କଲେ ଆତ୍ମନିର୍ଭରଶୀଳ ହୋଇପାରିବା



ଜିଲା ଅଗ୍ରଣୀ ବ୍ୟାଙ୍କ ପରିଚାଳକ ଛତୁ ଚାଷ ପ୍ରଶିକ୍ଷଣ ଶିବିରକୁ ଉଦଘାଟନ କରୁଛନ୍ତି ।

ପାରଳାଖେମୁଣ୍ଡି, ୧୭।୬ (ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ ଆନ୍ଧ୍ର ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ପରିସରରେ ଛତୁ ଚାଷ ପାଇଁ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମକୁ ଜିଲା ଅଗ୍ରଣୀ ବ୍ୟାଙ୍କ୍ ପରିଚାଳକ ଦାମୋଦର ଉଗୁର୍‌ସାଣ୍ଡି ଉଦ୍‌ଘାଟନ କରି କଠିନ ପରିଶ୍ରମ କଲେ ଆତ୍ମନିର୍ଭରଶୀଳ ହୋଇପାରିବା ବୋଲି ପ୍ରଶିକ୍ଷାର୍ଥୀଙ୍କୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମ ୧୦ଦିନ ଧରି ଚାଲିବ। ଏଥିରେ ଗଜପତି ଜିଲା ଗୁମ୍ମା ବ୍ଲକ୍ ଅଞ୍ଚଳର ୨୭ଜଣ ଯୋଗଦେଇଛନ୍ତି। ଅନୁଷ୍ଠାନର ପାଠ୍ୟକ୍ରମ ସଂଯୋଜକ ଦିଲୀପ କୁମାର ତନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିଷ୍ଠାନର ନିର୍ଦ୍ଦେଶକ ଚିନ୍ତାମଣୀ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ ।

■ ପାରଳାଖେମୁଣ୍ଡି ଜିଲା ଚିକିତ୍ସାଳୟରେ ରୋଗୀଙ୍କୁ ମିଳୁନି ସୁବିଧା

# ଷ୍ଟ୍ରେଚର୍ ବୋହୁଛି ମେଶିନ୍

ପାରଳାଖେମୁଣ୍ଡି, ୧୭।୬ (ସ୍ୱ.ପ୍ର.)

ପାରଳାଖେମୁଣ୍ଡି ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ସେବାରେ ଲାଗିବା ପାଇଁ ରହିଥିବା ଷ୍ଟେଚର ଅନ୍ୟ କାର୍ଯ୍ୟରେ ନିୟୋଜିତ ହେଉଥିବା ଦେଖିବାକୁ ମିଳୁଛି । ରୋଗୀଙ୍କୁ ବୋହିବା ବଦଳରେ ଏଠାରେ ଚିକିତ୍ସାଳୟର ଜିନିଷ ବୋହିବା କାର୍ଯ୍ୟରେ ଲାଗିଥିବା ଦେଖିବାକୁ ମିଳିଛି । ପ୍ରକାଶଯେ, ଏହି ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ସମ୍ପୂର୍ଣ୍ଣ ଜିଲାବାସୀ ଏବଂ ପଡୋଶୀ ଆନ୍ଧ୍ରପ୍ରଦେଶର ସୀମାନ୍ତବର୍ତ୍ତୀ ଅଞ୍ଚଳବାସୀ ନିର୍ଭରଶୀଳ। ଅନେକ ସମୟରେ ବିଭିନ୍ନ ଦୁର୍ଘଟଣାଗ୍ରସ୍ତଙ୍କୁ ଏହି ଚିକିତ୍ସାଳୟକୁ ଅଣାଯାଇଥାଏ। ଏଥିପାଇଁ ଷ୍ଟେଚର୍ ଜରୁରୀ ହୋଇଥାଏ। ତେବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ମାତ୍ର ଦୁଇ ତିନିଟି ଷ୍ଟେଚର୍ ରହିଛି। ଫଳରେ ଷ୍ଟେଚର୍ ରୋଗୀଙ୍କୁ ମିଳୁନଥିବା ବେଳେ ଏଥିରେ ଚିକିତ୍ସାଳୟ ପାର୍ଶ୍ୱରେ ରହିଥିବା ମହିଳା ଓ ଶିଶୁ ବିଭାଗର ମଧ କାମ ଚଳିଥାଏ । ମହିଳା ଓ ଶିଶୁ ବିଭାଗକୁ ସର୍ବଦା ଷ୍ଟେଚରର ଆବଶ୍ୟକତା ରହିଥିଲେ ମଧ ଏହି ପୁରୁଣା କୋଠାରୁ ଷ୍ଟେଚର ନିଆଯାଇ ସେଠାରେ ରୋଗୀଙ୍କ ସେବାରେ ଲାଗିଥାଏ । ଯାହାକି ଅତିକମ୍‌ରେ ୧୦ମିନିଟ୍ ସେଠାରେ ରୋଗୀ ଅପେକ୍ଷା କରିବାକୁ ପଡ଼ିଥାଏ। ଏଭଳିସ୍ଥଳେ ଆବଶ୍ୟକ ତୁଳନାରେ ଷ୍ଟ୍ରେଚର୍ ସଂଖ୍ୟା କମ୍ ରହିଥିବା ସ୍ଥଳେ ଏହି ଷ୍ଟେଚର୍ ଯୋଗେ ଜିନିଷ ବୋହିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି। ସେହିପରି ଏହି ଜିଲା ଚିକିତ୍ସାଳୟରେ ଅଧିକ ଷ୍ଟ୍ରେଚର୍ ଯୋଗାଇଦେବା ପାଇଁ ଦାବି ହେଉଛି।




ଷ୍ଟ୍ରେଚରରେ ମେଶିନ୍ ବୁହାଯାଉଛି।